

## ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ରାହାମା,(ଡି.ଏନ୍.ଏ.): ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୮ ବଖରା ଜଳିଯାଇଛି। ଏଥିରେ ଗ୍ରାମର ଗୌରାଙ୍ଗ ମହାନ୍ତିଙ୍କ ୫ ବଖରା ଓ ମନୋରଞ୍ଜନ ମହାନ୍ତିଙ୍କ ୩ ବଖରା ଲେଖାଏ ଜଳିଯାଇଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଖବରପାଇ ତିର୍ତ୍ତୋଲ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**ସଂକ୍ଷେପରେ**

## ପାଙ୍ଗନାଳିରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ଡେରାବିଶ,୧୯।୧୦(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଗୁଆଲସିଂଠାରେ ଥିବା ମା' ପାଟସାମୁଲାଇଙ୍କ ପୀଠ ନିକଟରେ ଯାଇଥିବା ପାଙ୍ଗାନାଳିରେ ବୁଡି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଛାଞ୍ଚୁଣିଆ ଗାଁର ସ୍ୱର୍ଗତ ପଦ୍ମଚରଣ ପଣ୍ଡାଙ୍କ ସ୍ତ୍ରୀ କନକଲତା (୭୨)। ସୂଚନା ଅନୁଯାୟୀ, ମା'ଙ୍କ ପୀଠରେ ପୂଜକ ଭାବେ କାମ କରୁଥିବା ପଦ୍ମଲୋଚନଙ୍କ ମୃତ୍ୟୁ ପରେ ପୁଅ ରମେଶ ପୂଜକ ଭାବେ କାର୍ଯ୍ୟ ତୁଆଉ ଥିଲେ। ବହୁ ସମୟରେ କନକଲତା ପୁଅ ସହ ମା'ଙ୍କ ପୀଠକୁ ଯାଇଥାନ୍ତି। ତେବେ ମଧ୍ୟାହ୍ନରେ କନକଲତା ପାଖରେ ବହି ଯାଇଥିବା ପାଙ୍ଗାନାଳିକୁ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କର ଗୋଡ ଖସି ଯାଇଥିଲା। ସେଠାରେ ଗଭିର ପାଣି ଥିବାରୁ କନକଲତା ବୁଡି ଯାଇଥିଲେ। ତେବେ ପୁଅ ରମେଶଠାରୁ ଖବର ପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବହୁ ଖୋଜାଖୋଜି କରିବା ପରେ ବୁଡି ଯାଇଥିବା ସ୍ଥାନଠାରୁ ଦୂରରୁ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସଦର ଥାନା ପୋଲିସ ମୃତକଙ୍କ ଶବକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ୬୦୦ ଗ୍ରାମ୍ ଗଞ୍ଜେଇ ଜବତ: ୪ ଅଭିଯୁକ୍ତ ଗିରଫ

ରଘୁନାଥପୁର,୧୯।୧୦(ଡି.ଏନ୍.ଏ.): ରଘୁନାଥପୁର ଥାନା ପୋଲିସ ଅଯୋଧାପୁର ଗ୍ରାମରୁ ମଙ୍ଗଳବାର ୬୬୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର ବୋଲି ଜଣାପଡିଛି। ଅଭିଯୁକ୍ତମାନେ ହେଲେ ଏହି ଗ୍ରାମର ଠୁକୁରି ସେଠି(୭୦), ପୁଅ ସୁଦର୍ଶନ ସେଠି ଓରଫ ଅର୍ଜୁ (୪୦),ବୋହୂ ସସ୍ମିତା ସେଠି (୩୨)। ଏଥିସହ କାରବାରରେ ସମ୍ପୃକ୍ତ ଥିବା କନ୍ଦରାପଟି ଗ୍ରାମର ସତ୍ୟବ୍ରତ ନାୟକ(୬୧)ଙ୍କୁ ମଧ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୪୪/୨୧)ରୁଜୁ ହୋଇଛି।

## ଜେଇଇ ଆଡଭାନ୍ସ ପରୀକ୍ଷାରେ ଏସ୍.ଏନ୍. ବିଭୁଦତ୍ତଙ୍କ କୃତିତ୍ୱ

କୁଜଙ୍ଗ,୧୯।୧୦(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦ ଥାନା ଅଧୀନ ଏରସମା ବ୍ଲକ ନୂଆଗାଁ ପଞ୍ଚାୟତ ମଠସାହି ଗ୍ରାମର ସୁବାସ ଚନ୍ଦ୍ର ସାହୁ ଓ ନିରୁପମାଙ୍କ ପୁଅ ଏସ୍.ଏନ୍. ବିଭୁଦତ୍ତ (ବଣ୍ଟି) ଜେଇଇ ଆଡଭାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



ଏନେଇ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ନୂଆଗାଁ ସରପଞ୍ଚ ବିଦ୍ୟାଧର ମଲ୍ଲିକ, ସମିତି ସଭ୍ୟ ପଦ୍ମଲୋଚନ ମଲ୍ଲିକ, ସାମାଜିକ କର୍ମୀ ଅଦ୍ୱୈତ ଭୂୟାଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲାପାଳଙ୍କ ବଦଳି

ଜଗତ୍‌ସିଂହପୁର ଅଫିସ,୧୯।୧୦: ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ବଦଳି ପରେ ମଙ୍ଗଳବାର ସ୍ଥାନୀୟ ସର୍କିଟ୍ ହାଉସରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଏସ୍‌ପି ଅଖିଳେଶ୍ୱର ସିଂ, ରାଜସ୍ୱ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମହାପାତ୍ର ୨ ଥର ଜିଲାପାଳ ଭାବେ ନିଯୁକ୍ତି ହୋଇଛନ୍ତି। ୨୪।୬।୧୯ରେ ସେ ପ୍ରଥମ ଥର ପାଇଁ ଜିଲାପାଳ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ଘର ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ଏବଂ ବାପା ପୂର୍ବରୁ ଜନତା ଦଳ ସମର୍ଥିତ ସରପଞ୍ଚ ଥିବାରୁ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ବିଧାୟକ ସୁରେଶଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ମହାପାତ୍ରଙ୍କୁ ୪।୧୦।୨୦ରେ ବଦଳି କରାଯାଇଥିଲା। ସରୋଜ ମିଶ୍ରଙ୍କୁ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିଲା। ୮।୧।୨୧ରେ ମହାପାତ୍ର ୨ୟ ଥର ପାଇଁ ମହାପାତ୍ର ଜଗତ୍‌ସିଂହପୁର ଜିଲାପାଳ ଭାବେ ବଦଳି ହୋଇଥିଲେ । ସେ ପାଖାପାଖି ୯ ମାସ କାର୍ଯ୍ୟଭାର ସମ୍ଭାଳିବା ପରେ ବଦଳି କରି ଦିଆଯାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ସମାନ ଅଭିଯୋଗ ହେବା ଆଶଙ୍କାରେ ମହାପାତ୍ରଙ୍କୁ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି।

# ନିଷିଦ୍ଧାଞ୍ଚଳରେ ମାଳ ମାଳ ଟ୍ରଲର

- ଚେଇଁ ଶୋଇଛି ପ୍ରଶାସନ
- ତ୍ରିସ୍ତରୀୟ ସୁରକ୍ଷା ବଳୟ ଭେଦ କରି ପ୍ରବେଶ
- ଟ୍ରକ ଯୋଗେ ରାଜ୍ୟ ବାହାରକୁ ମାଛ ଚାଲାଣ

ମହାକାଳପଡ଼ା, ୧୯।୧୦ (ଡି.ଏନ୍.ଏ.)



ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତର ବହାକୁଦ ଗାଁ ସଂଲଗ୍ନ ମହାନଦୀ ମୁହାଣ ନିକଟରେ ମାଳ ମାଳ ମାଛ ଧରା ଟ୍ରଲର।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ନିଷିଦ୍ଧାଞ୍ଚଳରେ ବେଆଇନ ମାଛ ଧରା ଟ୍ରଲର ମାଳ ମାଳ ଦେଖିବାକୁ ମିଳିଛି। ଏମାନେ ସନ୍ଧ୍ୟା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ପ୍ରବେଶ କରି ପ୍ରଚୁର ମାଛ ଧରି ସକାଳ ସୁଦ୍ଧା ଲଙ୍ଗର ପକାଇଥାନ୍ତି। ଅପରାହ୍ନରେ ବିଭିନ୍ନ ଟ୍ରକ, ପିକ୍‌ଅପ ଭ୍ୟାନ ଯୋଗେ ମାଛ ଲୋଡ୍ କରାଯାଇ କୋଲକାତା, ରାୟପୁର, ବାଲେଶ୍ୱର ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ କରିଥାନ୍ତି। ଏହି ଟ୍ରଲରଗୁଡ଼ିକ ପଶ୍ଚିମବଙ୍ଗର ଦୀଘା, ବାଲେଶ୍ୱର, ଭଦ୍ରକ, କଷାଫଳ, ଧାମରା, ବଳରାମଗଡି ଆଦି ଅଞ୍ଚଳର ମାଲିକମାନଙ୍କର ବୋଲି କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଏହି ଟ୍ରଲରଗୁଡ଼ିକ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛ ଧରିବା ସମୟରେ ବ୍ୟବହାର କରୁଥିବା ଗାଞ୍ଜି ଜାଲରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅକାଳରେ ଜୀବନ ଯାଇଥାଏ ବୋଲି ପରିବେଶପ୍ରେମୀ ସମେରେନ୍ଦ୍ର ମାହାଳି ଅଭିଯୋଗ କରିଛନ୍ତି। ମାହାଳିଙ୍କ କହିବା କଥା, ଏହି ଟ୍ରଲରଗୁଡ଼ିକ କିଭଳି ମାଛ ଧରି କୂଳକୁ ଫେରୁଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। କାରଣ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ମାଛ ଧରିବାକୁ ନେଇ ବାରଣ ରହିଛି। ହେଲେ ବନ ବିଭାଗ, ମତ୍ସ୍ୟବିଭାଗ, ସାମୁଦ୍ରିକ ଥାନା କର୍ମଚାରୀ ଓ ତଟ ସୁରକ୍ଷା ବାହିନୀଙ୍କ ଭୂମିକାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ରହିଛି ବୋଲି ବୁଦ୍ଧିଜୀବୀ ନିରାକାର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଟ୍ରଲରଗୁଡ଼ିକ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ବହୁ ମୂଲ୍ୟବାନ ସାମୁଦ୍ରିକ ମାଛ ଧରୁଛନ୍ତି। ତେବେ ଏହି ଅଞ୍ଚଳରେ ମାଳ ମାଳ ମାଛ ଧରା ଟ୍ରଲରକୁ ପ୍ରଶାସନ ପକ୍ଷରୁ କାହିଁକି ଜବତ କରାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ବାହାକୁଦ ଗାଁ ନିକଟ ମହାନଦୀ କୂଳରେ ଡେରା ପକାଇଥିବା ମାଳ ମାଳ ମାଛ ଧରା ଟ୍ରଲର। ଏ ସମ୍ପର୍କରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କୁ ପଚାରିବାରେ ଟ୍ରଲରଗୁଡିକ ନିଷିଦ୍ଧାଞ୍ଚଳରେ ପ୍ରବେଶ କରିଥିବା ଖବର ମିଳିଛି। ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଶ୍ରୀବଳଦେବ ଜୀଉଙ୍କୁ ଅନନ୍ତ ବେଶରେ ସଜ୍ଜିତ କରାଯାଇଛି।

## ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ମାଡ଼ ଭିଡିଓ ଭାଇରାଲ

କେନ୍ଦ୍ରାପଡ଼ା ଅଫିସ, ୧୯।୧୦

କେନ୍ଦ୍ରାପଡ଼ା ଜିଲାରେ ଏକ ଅଭାବନୀୟ ଘଟଣା ମଙ୍ଗଳବାର ଲୋକଲୋଚନକୁ ଆସିଛି। ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୩ ଜଣ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ଗୋଟିଏ ପେଟ୍ରୋଲ ପମ୍ପର କର୍ମଚାରୀ ଓ ତାଙ୍କ ବାପାଙ୍କ ଉପରେ ହୋଇଥିବା ମାଡ଼ର ଭିଡିଓ ଭାଇରାଲ ହୋଇଛି। ଏହି କର୍ମଚାରୀ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଏ ନେଇ କୌଣସି ଅଭିଯୋଗ ପତ୍ର ରିପୋର୍ଟ ଲେଖା ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ଥାନାରେ ଦିଆଯାଇ ନ ଥିବା ସୂଚନା ମିଳିଛି। ଭିଡିଓ ଏବେ ଚର୍ଚ୍ଚାରେ ଥିବା ବେଳେ ପେଟ୍ରୋଲ ଟାଙ୍କି ମାଲିକ ଓ ଲୋକ ପ୍ରତିନିଧିମାନେ ମାନବାଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ମାନବାଧିକାର କର୍ମୀ ପଟ୍ଟାମୁଣ୍ଡାଇର ପ୍ରତାପ କୁମାର ପାଢୀ, କେନ୍ଦ୍ରାପଡ଼ାର ସାଗର କୁମାର ଜେନା, ନିରଞ୍ଜନ ପରିଡା, ମାର୍ଶାଘାଇର ପ୍ରତାପ କୁମାର ମହାନ୍ତି, ମହାକାଳପଡ଼ାର ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ମାଡ଼ ଖାଉଥିବା ଯୁବକ ଜଣକ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଏକ ପେଟ୍ରୋଲ ଟାଙ୍କିର କର୍ମଚାରୀ। ଏହି ଟାଙ୍କିରେ ରବିବାର କିଛି ଟଙ୍କା ଚୋରି ହୋଇଥିବା ମାଲିକ ଜାଣିବାକୁ ପାଇଥିଲେ। ସନ୍ଦେହରେ ଥିବା କର୍ମଚାରୀଙ୍କୁ ମହାକାଳପଡ଼ା ବ୍ଲକ ଅଞ୍ଚଳର ୨ ଜଣ ସରପଞ୍ଚ ଓ ଜଣେ ସମିତିସଭ୍ୟଙ୍କ ଉପସ୍ଥିତିରେ ପଚରାଉଚରା ଆଳରେ ପ୍ରଚୁର ମାଡ଼ ମରାଯାଇଥିଲା। ପ୍ରଥମେ ଟାଙ୍କି ମାଲିକ ଯୁବକଙ୍କୁ ମାଡ଼ ମାରି ଟଙ୍କା ନେଇଥିବା ମାନିବାକୁ ବାଧ କରାଇଥିଲେ। ପରେ ମାଡ଼ ମରାଯାଉଥିବା ବାଡ଼ିକୁ ସେହି କର୍ମଚାରୀଙ୍କୁ ଦେଇ ତାଙ୍କ ବାପାଙ୍କୁ ବାଡ଼େଇବାକୁ କୁହାଯାଇଥିଲା। ସମ୍ପୃକ୍ତ ଯୁବକ ନିଜ ବୃଦ୍ଧ ବାପାଙ୍କୁ ମାଡ଼ ମାରୁଥିବା ବେଳେ ଟଙ୍କା ଚୋରି କରିଥିବା କହିବାକୁ ବାଧ କରାଯାଇଥିଲା। ଯୁବକ ଜଣକ କରୁଣ କଣ୍ଠରେ କହୁଥିବା ଦୃଶ୍ୟ ଏହି ଭିଡିଓରେ ଦେଖିବାକୁ ମିଳିଛି। ଅପରପକ୍ଷରେ ଲୋକ ପ୍ରତିନିଧିମାନେ ଉପସ୍ଥିତ ରହି ଘଟଣାକୁ ଭିଡିଓ କରିବା ସହ ଅଧିକ ମାଡ଼ ମାରିବାକୁ ଉତ୍ସାହିତ କରୁଥିଲେ। ଏହି ଘଟଣାକୁ ମାନବାଧିକାର କମିଶନଙ୍କ ନିକଟକୁ ନିଆଯିବ ବୋଲି ମାନବାଧିକାର କର୍ମୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ମଡକର ସନ୍ଦିତ ସମ୍ପଦ କହିଛନ୍ତି, ଭାଇରାଲ ଭିଡିଓ ଦୃଷ୍ଟି ଗୋଚରକୁ ଆସିଛି। ଏ ନେଇ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନିରାଡ଼ମ୍ବରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

**ସହରର ୫୧ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି**

କେନ୍ଦ୍ରାପଡ଼ା ଅଫିସ, ୧୯।୧୦



ସହରର ଖଡଅଙ୍କ ମଣ୍ଡପରେ ପୂଜା ପାଉଥିବ ମା' ଗଜଲକ୍ଷ୍ମୀ।

ରାଜ୍ୟ ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଉତ୍ସବ ନିରାଡ଼ମ୍ବର ଭାବେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମଣ୍ଡପରେ ଓ ତହିଁ ପରଦିନ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ପୂଜାବିଧି ଅନୁଯାୟୀ ସନ୍ଧ୍ୟା ୭ଟା ୧୦ ମିନିଟ୍‌ରୁ ଘଣ୍ଟ, ଘଣ୍ଟା ଓ ପାରମ୍ପରିକ ବାଦ୍ୟ ମାଧ୍ୟମରେ ଗୋବରୀ ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ହୋଇଛି। ଚଳିତବର୍ଷ ମା'ଙ୍କ ଏହି ଉତ୍ସବ କରୋନା ସଂକ୍ରମଣ କଟକଣା ମଧ୍ୟରେ ପାଳନ କରାଯାଉଥିବାରୁ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଛି। ଏହା ସତ୍ତ୍ୱେ ସହର ମଧ୍ୟରେ ମୋଟ ୬୭ ପୂଜା ମଣ୍ଡପ ମଧ୍ୟରୁ ୫୧ଟିରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଅବଶିଷ୍ଟ ମଣ୍ଡପରେ ଗୌରିଶଙ୍କର, କାଳୀୟ ଦଳନ, ମହାବୀର, ସୂର୍ଯ୍ୟ ସାଗରିକା, ରାଧାକୃଷ୍ଣ ଆଦି ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନା ହୋଇଛି। ସେହିପରି ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ଆଭୂଷଣରେ ସୁନା ଓ ରୁପା ଅଳଙ୍କାର ଦେଖିବାକୁ ମିଳିଛି। ଷୋଡ଼ଶ ଉପଚାରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଆବାହନୀ ମନ୍ତ୍ର ପ୍ରତ୍ୟେକ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମାରୱାଡି ବ୍ୟବସାୟୀ ଜୋହରୀ ମଲ୍ଲ ସହରର ମାରୁୱାଡି ପଟ୍ଟି (ପୁରୁଣା ବସ୍‌ଷ୍ଟାଣ୍ଡ)ରେ ଏହି ପୂଜା ୧୯୨୮ ମସିହାରେ ଆରମ୍ଭ କରିଥିଲେ। ତେବେ ଏହା ପୂର୍ବରୁ ଜିଲାର ସାନମଙ୍ଗଠାରେ ମା'ଙ୍କ ପୂଜା ଉତ୍ସବ ଚାଲୁଥିବା ଜନଶ୍ରୁତି ଅଛି। ଅପରପକ୍ଷରେ ମା'ଙ୍କ ପୂଜା ଉତ୍ସବ କୋଭିଡ୍-୧୯ ନିୟମାବଳୀ ମଧ୍ୟରେ ସୀମିତ ରଖାଯିବ ବୋଲି ଏସ୍‌ପି ମଡକର ସନ୍ଦିତ ସମ୍ପଦ ସୂଚନା ଦେଇଛନ୍ତି। ସେ କହିଛନ୍ତି , କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ପୂଜାର୍ଚ୍ଚନା ହେବାକୁ ଥିବାବେଳେ ଆଇନ ଶୃଙ୍ଖଳା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସହରକୁ ୩ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପ୍ରଥମ ସେକ୍ଟରରେ ୧୧ ମଣ୍ଡପ, ଦ୍ୱିତୀୟରେ ୨୧ ଓ ତୃତୀୟ ସେକ୍ଟରରେ ଅବଶିଷ୍ଟ ୩୪ ମଣ୍ଡପରେ ଜିଲା ପୋଲିସ ମୁତୟନ କରାଯାଇଛି। ପ୍ରତି ମଣ୍ଡପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ। ସେହିପରି ଭସାଣି ସମୟରେ ନିରାଡମ୍ବର ଭାବେ ମା'ଙ୍କ ବିସର୍ଜନ କରାଯିବ।

## ୮୧ ବର୍ଷରେ ଦଶିପୁର ଗଜଲକ୍ଷ୍ମୀ ପୂଜା

ଆଳି,୧୯।୧୦(ଡି.ଏନ.ଏ.)



ଆଳି ବ୍ଲକର ଦଶିପୁରଠାରେ ସୋମବାରଠାରୁ ପ୍ରସିଦ୍ଧ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ କରୋନା କଟକଣା ମଧ୍ୟରେ ପୂଜା ଚାଲିଛି। ଚଳିତ ବର୍ଷକୁ ଲଗାଇ ୮୧ ବର୍ଷ ଧରି ଏହି ପୂଜା କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଏହି ପୂଜା ଦୀର୍ଘ ୫ ଦିନ ଧରି ଚାଲିଥାଏ। ପୂଜା ଦେଖିବା ନିମନ୍ତେ ଆଳି, ରାଜକନିକା, ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଶ୍ରଦ୍ଧାଳୁ ଆସିଥାନ୍ତି। ଅଞ୍ଚଳର ଏହି ପୂଜା ସମ୍ପର୍କରେ କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠାରୁ ଶୁଣିବାକୁ ମିଳେ ୧୯୪୦ରୁ ଏହି ପୂଜା ଆରମ୍ଭ ହୋଇଛି। ୧୯୩୯ରେ କଳଦିଆ , ଦଶିପୁର ଗାଁର ସ୍ୱର୍ଗତ ଧନେଶ୍ୱର ସାହୁ, ମାୟାଧର ଦାସ, ବାସୁଦେବ ବାରିକ, ଆଦିକନ୍ଦ ଦାସ, ନଳଦିଆ ଗାଁର ପଞ୍ଚାନନ ପାତ୍ର, ମହେଶ୍ୱର ପାତ୍ର ଏବଂ ଅରେହିକଣା ଗାଁର ବଟକୃଷ୍ଣ ପଣ୍ଡା ରାଜନଗରର ବିଲିକଣା ଶାସନ ଗାଁକୁ ଗଜଲକ୍ଷ୍ମୀ ପୂଜା ଦେଖିବାକୁ ଯାଇଥିଲେ। ଘରକୁ ଫେରିବା ପରେ ମାୟାଧରଙ୍କୁ ମା' ଲକ୍ଷ୍ମୀଙ୍କ ସ୍ୱପ୍ନାଦେଶ ହୋଇଥିଲା ଆଳି ଅଞ୍ଚଳର ବ୍ରାହ୍ମଣୀ ନଦୀ କୂଳରେ ଥିବା ଦଶିପୁର ପଡ଼ିଆରେ ମୂର୍ତ୍ତି ପ୍ରତିଷ୍ଠା କରି ପୂଜା କରିବାକୁ। ତାଙ୍କଠାରୁ ଅନ୍ୟମାନେ ଏହି କଥା ଶୁଣିବା ପରେ ସମସ୍ତେ ଚାନ୍ଦା ଆଦାୟ କରି ସେଠାରେ ଏକ ଚାଳ ଘର ନିର୍ମାଣ କରିଥିଲେ। ସେଥିରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରି ପୂଜା ଆରମ୍ଭ କରିଥିଲେ।

## ଡେରାବିଶରେ ୭୦ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା



ଡେରାବିଶ,୧୯।୧୦(ସ୍ୱ.ପ୍ର.)

ଡେରାବିଶର ଗଣପର୍ବ ପାଳିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ମଙ୍ଗଳବାର ଆରମ୍ଭ ହୋଇଛି। ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଦାଣ୍ଡରେ ଏଥିପାଇଁ ପ୍ରସ୍ତୁତି ଚାଲିଥିଲେ ମଧ କୋଭିଡ୍ କଟକଣା ଯେପରି ପୂଜା ମଣ୍ଡପଗୁଡ଼ିକୁ ଖାଁ ଖାଁ କରି ଦେଇଛି। କେବଳ ବିଧି ଅନୁଯାୟୀ ପୂଜା କରିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ଥିବାରୁ ପ୍ରତ୍ୟେକ ପୂଜା କମିଟି ଅଳ୍ପ ସଂଖ୍ୟକ ଲୋକଙ୍କ ଭିତରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଏହି ପୂଜା ପାଇଁ ଚାନ୍ଦୋଳ ବଜାର, ଛତା ଓ ଓଲଡ଼ି ପୂଜା ମଣ୍ଡପ ସ୍ୱତନ୍ତ୍ରତା ବହନ କରିଆସୁଛି। ଚଳିତ ବର୍ଷ ପୂଜା ମଣ୍ଡପଗୁଡ଼ିକରେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।

## ସମାଜ ଚିନ୍ତନରେ ଜନମଞ୍ଚର ମାନସ ମନ୍ଥନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.)

ଅଞ୍ଚଳର ବିକାଶ ପାଇଁ ସମାଜ ଚିନ୍ତନରେ ଜନମଞ୍ଚର ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନମଞ୍ଚ ପକ୍ଷରୁ ସ୍ଥାନୀୟ ବେଲତଳ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷ ଦେବବ୍ରତ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଜନମଞ୍ଚର ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା , ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଓ ପ୍ରତିବର୍ଷ ବ୍ରାହ୍ମଣୀ ବନ୍ୟା ବିପର୍ଯ୍ୟୟରୁ ମୁକ୍ତି ସହ ମଦନପୁର କଟ୍ କାର୍ଯ୍ୟକାରୀ ସମ୍ପର୍କରେ ଆଲୋଚନା କରିଥିଲେ। ପାଣିପାଗ ପରିବର୍ତ୍ତନ କାରଣରୁ ଚାଷକାର୍ଯ୍ୟ କରି ନ ପାରି କ୍ଷତି ସହୁଥିବା ଚାଷୀମାନଙ୍କୁ କ୍ଷତି ଭରଣା କରିବା ସହିତ କୃଷି ସମସ୍ୟା, ଜଳ ସମସ୍ୟା ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ଲୋକଙ୍କ ସହମତି ଓ ପରିବେଶବିତ୍‌ଙ୍କ ପରାମର୍ଶ ବିନା ଜୋର କରି ସ୍ଥାପନ କରାଯାଉଥିବା ଖରସ୍ରୋତା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ପରିଡା ବିରୋଧ କରିଥିଲେ। ସେହିପର ଜିଲାର ୨ୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜକୁ ନାକ ଟିମ୍ ପରିଦର୍ଶନ କରିଯାଇଥିବାରୁ କଲେଜକୁ ସମୃଦ୍ଧ କରିବାକୁ ଅଞ୍ଚଳର ଜନସାଧାରଣ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଜନମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ସାମିଲ କରି ସାମାଜିକ ପ୍ରତିଶ୍ରୁତି ବଦ୍ଧତା ସମ୍ପର୍କରେ ଅବଗତ କରାଯିବ ବୋଲି ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପରିଡା, ବାବାଜୀ ଦାସ, କ୍ଷେତ୍ରବାସୀ ପ୍ରଧାନ, ବେଲାଳସେନ ପରିଡା, ରବୀନ୍ଦ୍ର ପରିଡା, ସରୋଜ ପଣ୍ଡା, ମଳୟ ଓଝା, ବିଭୁ ପ୍ରସାଦ ଦାସ, ଶରତ କୁମାର ବିଶ୍ୱାଳ, ସଂଗ୍ରାମ କେଶରୀ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ସେଠୀ, ବ୍ରଜବନ୍ଧୁ ବେହେରା, ରଞ୍ଜନ କୁମାର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ।

## କଂଗ୍ରେସର କର୍ମୀ ବୈଠକ

ପଟ୍ଟାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ କର୍ମୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଉପସଭାପତି ଯଦୁମଣି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ କର୍ମୀମାନଙ୍କୁ ସେ ଆହ୍ୱାନ ଦେବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ରଣ କୌଶଳ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ, ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନଙ୍କ ସମେତ ସାନଜରିଆ ପଞ୍ଚାୟତ ସଭାପତି ହଳଧର ପ୍ରଧାନ, କଂଗ୍ରେସ ନେତା ଚୌଧୁରୀ ସତ୍ୟବ୍ରତ ମଦନ ରାୟ, ଅକ୍ଷୟ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

## 'ଲକ୍ଷ୍ମଣ ଜଗତ୍‌ସିଂହପୁର ବିକାଶର ସାରଥି ଥିଲେ'

ଜଗତ୍‌ସିଂହପୁର ଅଫିସ୍, ୧୯।୧୦

ଜଗତ୍‌ସିଂହପୁର ପୂର୍ବତନ ବିଧାୟକ, ପୂର୍ବତନ ଏମ୍‌ପି, ପୂର୍ବତନ ମନ୍ତ୍ରୀ ଭାବେ ଲକ୍ଷ୍ମଣ ମଲ୍ଲିକ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜିଲା ବିକାଶରେ ସେ ଥିଲେ ଅନ୍ୟତମ ସାରଥି ଥିଲେ। ଜଗତ୍‌ସିଂହପୁରକୁ ଏକ ଅଗ୍ରଣୀ ଜିଲା ଭାବେ ଗଢି ତୋଳିବାରେ ତାଙ୍କର ଅତୁଳନୀୟ ଭୂମିକା ଥିଲା। ମଙ୍ଗଳବାର ସ୍ୱର୍ଗତ ମଲ୍ଲିକଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଏହା କହିଛନ୍ତି। ଜଗତ୍‌ସିଂହପୁରସ୍ଥିତ ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ ସ୍ମୃତି ଭବନ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାପତି ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟିର ଆବାହକ ନଟବର ବାରିକ, ରବୀନ୍ଦ୍ରନାଥ ମହାନ୍ତି, ମାଧବାନନ୍ଦ ମନୋହରୀ, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ପିସିସି ସମ୍ପାଦିକା ପ୍ରତିମା ମଲ୍ଲିକ, ପିସିସି ସମ୍ପାଦକ ଇଂ. ନଳିନୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମହନି ଚରଣ ରାଉତ, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ ଜେନା ଓ ପ୍ରିୟନାଥ ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଉତ୍କଳରଞ୍ଜନ ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ଉପସଭାପତି ସର୍ବେଶ୍ୱର ପଣ୍ଡା, ବାଲିକୁଦା ବ୍ଲକ ସଭାପତି ବିକ୍ରମ ପରିଡା, ପୂର୍ବତନ ବ୍ଲକ ସଭାପତି ପ୍ରସନ୍ନ କୁମାର ସାମନ୍ତରାୟ ଓ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ କର୍ତ୍ତବ୍ୟନିଷ୍ଠା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୁଇକ୍ ଫଟୋ ଷ୍ଟୁଡିଓର ସତ୍ତ୍ୱାଧିକାରୀ ପଞ୍ଚାନନ ପ୍ରଧାନ ଏବଂ ନିକଟରେ ଓଡ଼ିଆ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ସାହିନ ନାଜଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ରାସ୍ତା ପାଇଁ ଧାରାଣା ଦେବେ ଗ୍ରାମବାସୀ

ରଘୁନାଥପୁର,୧୯।୧୦(ଡି.ଏନ୍.ଏ.)



କରଡ଼ା ଜଇନାବାଜରୁ ସାଳିଜଙ୍ଗା ଶାଇମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପୂର୍ଣ୍ଣ।

ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତର କରଡ଼ା ଜଇନାବାଜରୁ ସାଳିଜଙ୍ଗା ଶାଇମନ୍ଦିର ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା ଟିକାଦୁଅ ଓ ଖାଲଖମାରେ ପରିପୂର୍ଣ୍ଣ। ଏନେଇ ବିଡିଓ, ଜିଲାପାଳ, ଏସ୍‌ପିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଡାକ ଯୋଗେ ଅଭିଯୋଗ ହୋଇଛି। ଏହାସତ୍ତ୍ୱେ କୌଣସି ସୁଫଳତା ନ ମିଳିବାରୁ ୧ ନଭେମ୍ବରରୁ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସ୍ଥିର କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ପିଲାମାନେ ପାଣି କାଦୁଅରେ ପଶି ସ୍କୁଲ ଯିବାକୁ ବାଧ ହେଉଛନ୍ତି। ଗ୍ରାମ ଭିତରକୁ ଆମ୍ବୁଲାନ୍ସ ଆସିପାରୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗତ ୪ ବର୍ଷ ତଳେ ଏହି ରାସ୍ତା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟରେ କୌଣସି ଅଗ୍ରଗତି ହେଉନାହିଁ ବୋଲି ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ କହିଛନ୍ତି। ଏନେଇ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ୱାର୍ଡସଭ୍ୟ ରାମଚନ୍ଦ୍ର ନାୟକ, ନଟବର ନାୟକ, ସୁଶ୍ରୀ ଗୀତା ରଥ ଓ ବିଜନ ମହାପାତ୍ର ପ୍ରମୁଖ ସ୍ଥିର କରିଛନ୍ତି।

## ସଂକ୍ଷେପରେ

### ମେସ୍କୋ ଷ୍ଟିଲ୍ କାରଖାନାରୁ ଲୁଟ୍ ଉଦ୍ୟମ, ଜଣେ ଗିରଫ

**କଳିଙ୍ଗନଗର,୧୯।୧୦(ଡି.ଏନ.ଏ.):** ମେସ୍କୋ ଷ୍ଟିଲ୍ ପରିସରରେ ଲୁଟେରାଙ୍କ ଚୋରି ଉଦ୍ୟମ ଅବ୍ୟାହତ ରହିଛି। କାରଖାନାରୁ ସ୍କାପ ଚୋରି ଉଦ୍ୟମ ଘଟଣାରେ କଳିଙ୍ଗନଗର ପୋଲିସ ନଂ.୨୨୭/୨୧ରେ ମାମଲା ରୁଜୁ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁରରୋଡ ଥାନା ଅଞ୍ଚଳର ବିଜୟ ପ୍ରଧାନ(୪୫)। ସୂଚନା ମୁତାବକ, ସୋମବାର ରାତିରେ ୩ ଲୁଟେରା କାରଖାନାରୁ ସ୍କ୍ରାପ୍ ଲୁଟ୍ କରୁଥିବାବେଳେ ସୁରକ୍ଷାକର୍ମୀଙ୍କ ହାତରେ ବିଜୟ ଧରା ପଡ଼ିଥିଲେ। ଅନ୍ୟ ୨ ଜଣ ଖସି ଯିବାରେ ସକ୍ଷମ ହୋଇଥିଲେ। କଳିଙ୍ଗନଗର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ବିଜୟଙ୍କୁ ଗିରଫ କରିଥିଲେ। ବିଜୟଙ୍କ ଯାଜପୁର ରୋଡରେ ଏକ କବାଡିଆ ଦୋକାନ ଥିବା ପୋଲିସ ଖବର ପାଇଛି।

### ୫ କେ.ଜି. ଗଞ୍ଜେଇ ଜବତ, ୨ ଗିରଫ

**ଧର୍ମଶାଳା,୧୯।୧୦(ଡି.ଏନ.ଏ.):** ଧର୍ମଶାଳା ପୋଲିସ ପକ୍ଷରୁ ତରଞ୍ଜିଆ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ଗଞ୍ଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ତରଞ୍ଜିଆ ଗ୍ରାମରେ ଗଞ୍ଜେଇ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ୫ କେଜି ୬୧୦ ଗ୍ରାମ ଗଞ୍ଜେଇ, ୨ ମୋବାଇଲ ଓ ୪୫୫ଟଙ୍କା ଜବତ କରାଯାଇଥିଲା। ଏହି ବ୍ୟବସାୟରେ ଲିପ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ତରଞ୍ଜିଆ ଗ୍ରାମର ଜ୍ଞାନରଞ୍ଜନ ପରିଡ଼ା ଓ ବାଲିଚନ୍ଦ୍ରପୁର ଥାନା ରାଧାଦେଇପୁର ଗ୍ରାମର ଅଶୋକ ମଲ୍ଲିକ। ଏନେଇ ପୋଲିସ ନଂ. ୫୧୭/୨୧ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର ଯାଜପୁର କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ସଦର,୧୯।୧୦(ଡି.ଏନ.ଏ):** ବିଭିନ୍ନ ଦାବି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କର୍ମଚାରୀମାନେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିରାମୟ, ନିଦାନ ଯୋଜନା ଲାଗି କାମ କରୁଛନ୍ତି। ଗତ ୧୫ ବର୍ଷ ଧରି ଏହି କର୍ମଚାରୀମାନେ ବିଭିନ୍ନ କାମ କରି ଆସୁଥିଲେ ମଧ୍ୟ ସେମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ, କୋଭିଡ୍ ପାଇଁ ବିନା ଛୁଟିରେ କାମ କରୁଥିବା ଏହି କର୍ମଚାରୀଙ୍କ ପାଇଁ ପ୍ରତି ୩ ମାସରେ ଥରେ ଅଧିକ ୧ ମାସର ଦରମା ପ୍ରଦାନ ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ସମ୍ପୃକ୍ତ କର୍ମଚାରୀମାନେ ଦାବି କରିଛନ୍ତି। ରାଜ୍ୟ ସରକାର ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

### ବଟି ଆଦାୟ ଅଭିଯୋଗରେ ୩ ଖବରଦାତାଙ୍କୁ ନୋଟିସ

**କୁଜଙ୍ଗ,୧୯।୧୦(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକର କେତେଜଣ ଖବରଦାତା ବଟି ଆଦାୟରେ ଲିପ୍ତ ଥିବା ନେଇ ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଥିଲା। ଏନେଇ ୩ ଖବରଦାତା ଦୁଷ୍ମନ୍ତ ମାଝି, ବିଭୁତି ଦାସ ଓ ଜନ୍ମେଜୟ ମହାନ୍ତିଙ୍କୁ ଆସନ୍ତା ୨୧ ତାରିଖରେ ହାଜର ହେବାକୁ ଜଗତ୍‌ସିଂହପୁର ଜିଲାପାଳ ନୋଟିସ କରିଛନ୍ତି। ଏହି ଅଭିଯୋଗ ଘଟଣାର ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ଓଡ଼ିଶା ଭିଜିଲାନ୍ସକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହାପରେ ଭିଜିଲାନ୍ସ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଅଭିଯୋଗର ସତ୍ୟତା ସମ୍ପର୍କରେ ଜଣାଇବାକୁ କହିଥିଲା। ଆଇଓସିଏଲ୍, ଇଫ୍‌କୋ, ପିପିଏଲ୍, କାର୍ବନ ଫ୍ୟାକ୍ଟ୍ରି, ଏସାର୍, କାରଗିଲ୍ ଫ୍ୟାକ୍ଟ୍ରି ଏବଂ ପାରାଦୀପ ପୋର୍ଟରୁ ବଟି ଆଦାୟ କରିବା ସହ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଚାକିରି କରାଇଦେବା ବାହାନାରେ ଟଙ୍କା ଠକେଇ କରିଥିବା ନେଇ ଉପରୋକ୍ତ ୩ ଖବରଦାତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ନଂ.୭/୧୧।୧୦।୨୧ରେ ଉଲ୍ଲେଖ କରାଯାଇଛି।

# ଶ୍ରମିକ ନିଯୁକ୍ତିରେ ସନ୍ତୁଷ୍ଟି

## କଳିଙ୍ଗନଗର ଶିଳ୍ପାଞ୍ଚଳ

■ ୩୬୪ ଅଣଓଡ଼ିଆ ଠିକାସଂସ୍ଥା ଲାଭବାନ

**ଯାଜପୁର ଅଫିସ,୧୯।୧୦**




ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆଶାୟୀଙ୍କୁ ଠିକା ଶ୍ରମିକ ନିଯୁକ୍ତି ଦେଇ ସନ୍ତୁଷ୍ଟ କରାଯାଉଛି। ଏହି ପ୍ରକ୍ରିୟାରେ ୩୬୪ ଅଣଓଡ଼ିଆ ଏବଂ ୧୮୪ ଓଡ଼ିଆ ଠିକାସଂସ୍ଥା ବିପୁଳ ପରିମାଣରେ ଲାଭବାନ ହେଉଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ସ୍ପଷ୍ଟ ହୋଇଛି। ଠିକାସଂସ୍ଥାର ମାଲିକମାନେ ମନଇଚ୍ଛା ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତିରୁ ହଟେଇ ସେମାନଙ୍କ ପରିବାରବର୍ଗଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଆସୁଛନ୍ତି। ଠିକାସଂସ୍ଥାର ମନମାନି ବିରୋଧରେ ହେଉଥିବା ଆନ୍ଦୋଳନ ପ୍ରାୟ ୫ ବର୍ଷ ହେଲା ନରମି ଯାଉଥିବାରୁ ବହୁ ବୈଷୟିକ ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କ ନିଯୁକ୍ତି ଆଶା ମଉଳି ଯାଇଛି।

ଜାତୀୟ ଓ ରାଜ୍ୟସ୍ତରରେ ଉତ୍କଟ ବେକାରି ସମସ୍ୟା ଦୂର ଉଦ୍ଦେଶ୍ୟରେ ଶିଳ୍ପାୟନକୁ ଆଖିବୁଜି ଗ୍ରହଣ କରି ରାଜ୍ୟ ସରକାର କଳିଙ୍ଗନଗରରେ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକୁ ସବୁପ୍ରକାର ସହଯୋଗ ଦେଇ ଆସୁଛନ୍ତି। ବର୍ତ୍ତମାନ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୬ଟି ବୃହତ୍ କମ୍ପାନୀ କାର୍ଯ୍ୟକ୍ଷମ ରହିଛି। କିନ୍ତୁ ଠିକା ଶ୍ରମିକ ନିଯୁକ୍ତି ଦେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଯାଉଛି। ଦେଶ ସ୍ୱାଧୀନତା ପୂର୍ବରୁ ଟାଟା ଯାଜପୁର ଜିଲାର ଖଣି ଅଞ୍ଚଳ ସୁକିନ୍ଦାରେ ପାଦ ଦେଇଥିଲା। ଭାରବୁହାରେ କ୍ରୋମାଇଟ ଖଣିରୁ ଉତ୍ତୋଳନ ଆରମ୍ଭ କରିଥିବା ଟାଟାକୁ ଯୋଡ଼ା ଅଞ୍ଚଳରେ ୬ଟି ଖାଦାନରେ ୪୧୨୩ ହେକ୍ଟର ଏବଂ ସୁକିନ୍ଦାରେ ୩ଟି ଖାଦାନ ଜରିଆରେ ୭୬୦ ହେକ୍ଟର ଜମି ଲିଜ୍ ଦିଆଯାଇଛି। ଏହି ଖଣିରୁ କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ଗଢ଼ିଉଠିଛି। ୨୪।୮।୨୦୨୧ ସୁଦ୍ଧା ମିଳିଥିବା ଆରଟିଆଇ ତଥ୍ୟ ଅନୁସାରେ ଏହି କାରଖାନାରେ ୨୦୫ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ୧୭,୮୪୫ ଶ୍ରମିକ ଏବଂ ୩,୦୧୫ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ସେହିପରି ୮୩ଟି ଓଡ଼ିଆ ଠିକାସଂସ୍ଥା ଜରିଆରେ ୩,୨୮୮ ଶ୍ରମିକ ଏବଂ ୪୦୫ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି। ଏସବୁ ୮୮% ଶ୍ରମିକ ଓଡ଼ିଶାର ବୋଲି ଦାବି କରାଯାଇଛି। ସେହିପରି ଓଡ଼ିଶାର ୪୧% ସୁପରଭାଇଜର ଏବଂ ମ୍ୟାନେଜରିଆଲ କର୍ମଚାରୀ ରହିଥିବା କୁହାଯାଇଛି। କିନ୍ତୁ ସିନିୟର ଏକ୍‌ଜିକ୍ୟୁଟିଭ ପଦବୀରେ କେହି ଓଡ଼ିଶାର ନାହାନ୍ତି। ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଶ୍ରମିକ ଶ୍ରେଣୀର ୮୧% ଓଡ଼ିଶାର ରହିଥିବାବେଳେ ସୁପରଭାଇଜର ଓ ମ୍ୟାନେଜରିଆଲ କର୍ମଚାରୀ ମାତ୍ର ୩୮% ରହିଛନ୍ତି। ସିନିୟର ଏକ୍‌ଜିକ୍ୟୁଟିଭ ପଦବୀରେ ମାତ୍ର ୧୯% ରାଜ୍ୟର ନିଯୁକ୍ତି ପାଇଛନ୍ତି। ଅର୍ଥାତ ରାଜ୍ୟରେ ବୈଷୟିକ ଡିଗ୍ରୀଧାରୀ ଏବଂ ପରିଚାଳନାଗତ ଅଧିକାରୀ ପାଇଁ ଶିକ୍ଷିତ ଯୁବତୀଯୁବକଙ୍କ ଅଭାବ ରହିଛି ବୋଲି ଟାଟା ଷ୍ଟିଲ ଏଠାରେ ପ୍ରମାଣିତ କରୁଛି। ନିକଟରେ ରାଣ୍ଡଷ୍ଟାଡ ଇଣ୍ଡିଆ ଲିଃ, କେଇସି ଇଣ୍ଟରନ୍ୟାଶନାଲ, ଜାମସେଦପୁର ୟୁଟିଲିଟିଜ ଆଣ୍ଡ ସର୍ଭିସ କୋ, ଆଇଆର୍‌ଆଇଏସ୍‌ଇ ଇଣ୍ଡିଆ ପ୍ରା.ଲିଃ, ଅଟୋମେଶନ ଆଣ୍ଡ ଟେକ୍ନିକାଲ ସର୍ଭିସେସ୍, ଗେନନ୍ ଡଙ୍କରଲି ଆଣ୍ଡ କୋ ଲିଃ ଇତ୍ୟାଦି ୫୦ରୁ ଊର୍ଦ୍ଧ୍ୱ ଅଣଓଡ଼ିଆ ଠିକାସଂସ୍ଥାରୁ ନିୟମିତ ଦରମା ନ ମିଳିବା, ଜାଣିଶୁଣି ହଇରାଣ କରାଯିବା ଆଦି କାରଣରୁ ଶତାଧିକ ଶ୍ରମିକ ଓ କର୍ମଚାରୀ ଚାକିରି ଛାଡ଼ିଥିବା ଅଭିଯୋଗ ହେଉଛି। ଏପରିକି ଉତ୍ପାଦିତ ସାମଗ୍ରୀ ବାହାରକୁ ଚାଲାଣ ଦାୟିତ୍ୱରେ ରହିଥିବା କେତେକ ଠିକାସଂସ୍ଥା ଅଧିକାରୀମାନେ ଓଜନରେ ଜାଲିଆତି କରି ବିପୁଳ ପରିମାଣର ଆର୍ଥିକ ଅନିୟମିତତା କରୁଥିବା ଚର୍ଚ୍ଚା ହେଉଛି। ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ଲିଃରେ ୪୫ ଓଡ଼ିଆ ଠିକାସଂସ୍ଥା ଏବଂ ୧୦୯ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଇଛି। ଏଠାରେ ଓଡ଼ିଶାର ଶ୍ରମିକ ଶ୍ରେଣୀର ୮୫.୦୬%, ସୁପରଭାଇଜର/ମ୍ୟାନେଜରିଆଲ ୬୩.୬୪% ଏବଂ ସିନିୟର ଏକ୍‌ଜିକ୍ୟୁଟିଭ ୬୬% ରହିଛନ୍ତି। ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାର ଶ୍ରମିକ ଶ୍ରେଣୀର ୯୮%, ସୁପରଭାଇଜର/ମ୍ୟାନେଜରିଆଲ ୫୯.୨୮% ଏବଂ ସିନିୟର ଏକ୍‌ଜିକ୍ୟୁଟିଭ ପଦବୀରେ ୪୫ ପ୍ରତିଶତ ଓଡ଼ିଶାର ନିଯୁକ୍ତି ପାଇଛନ୍ତି।

ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ଶ୍ରମିକମାନଙ୍କୁ ନିଯୁକ୍ତି ଦିଆଯାଇ ବିଭିନ୍ନ ସମୟରେ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ସେହିପରି ଚାକିରିକୁ ନେଇ ବହୁ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଦୀର୍ଘଦିନରୁ ବିଭିନ୍ନ ସ୍ତରରେ ଅଭିଯୋଗ, ପ୍ରତିକ୍ରିୟା, ଆଲୋଚନା ହୋଇ ଆସିଛି। ମାତ୍ର ଏହାର ବିଧିବଦ୍ଧ ତଦନ୍ତ ପାଇଁ କେହି ତତ୍ପରତା ପ୍ରକାଶ କରିନାହାନ୍ତି। ପ୍ରକୃତପକ୍ଷେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ଉପକୃତ ହୋଇ ନ ଥିବାବେଳେ ବହୁ ସରକାରୀ ଅଧିକାରୀ, ନେତା, ପ୍ରଭାବଶାଳୀଙ୍କ ସମ୍ପର୍କୀୟ ଚାକିରି ହାତେଇଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥାନୀୟ ନିଯୁକ୍ତିକୁ ନେଇ ପ୍ରଶାସନ ସଦାସର୍ବଦା ତତ୍ପରତା ପ୍ରକାଶ କରୁଛି। ଏଥିପାଇଁ କମ୍ପାନୀଗୁଡ଼ିକୁ ବିଭିନ୍ନ ସମୟରେ ତାଗିଦ କରାଯାଉଛି।

# ଟେଲିଙ୍ଗ୍ ପଣ୍ଡ ନିର୍ମାଣକୁ ବିରୋଧ

**କାଳିଆପାଣି,୧୯।୧୦(ଡି.ଏନ.ଏ.)**

ଯାଜପୁର ଜିଲାର କ୍ରୋମାଇଟ୍ ଖଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପ୍ରତିଶ୍ରୁତି ପାଳନ କରୁନାହିଁ। ଫଳରେ ଖଣି ନିଗମ ଟେଲିଙ୍ଗ୍ ପଣ୍ଡ ନିର୍ମାଣ ପାଇଁ ସର୍ଭେ କରୁଥିବା ବେଳେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଏମ୍‌ସି ପରିଚାଳିତ ଦକ୍ଷିଣ କାଳିଆପାଣି ସଂଲଗ୍ନରେ ଏକ ସିଓବି ପ୍ଲାଣ୍ଟ ରହିଛି। ଉକ୍ତ ପ୍ଲାଣ୍ଟରୁ ନିର୍ଗତ ସ୍ଲରି (କାଦୁଅ ପାଣି)କୁ ରଖିବାକୁ ଆବଶ୍ୟକ ପଣ୍ଡ (ପୋଖରୀ) ନ ଥିବାରୁ ପ୍ଲାଣ୍ଟ ବନ୍ଦ ହୋଇଥିଲା। ଏବେ ପ୍ଲାଣ୍ଟକୁ ସଚଳ ପାଇଁ ଆବଶ୍ୟକ ଟେଲିଙ୍ଗ ପଣ୍ଡ ନିର୍ମାଣ ନିମନ୍ତେ ସର୍ଭେ ଲାଗି କର୍ମଚାରୀ ଯାଇଥିଲେ। ତେବେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଫେରି ଆସିଥିଲେ। ପ୍ଲାଣ୍ଟରୁ ନିର୍ଗତ ସ୍ଲରି ଜମିରେ ପଡ଼ିବାରୁ ଚାଷରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଗ୍ରାମବାସୀ ବିରୋଧ କରୁଥିବାରୁ ପ୍ଲାଣ୍ଟ ପରିଚାଳକ ଇଂ. କେ. ସି. ସାହୁ ବୈଠକ କରି ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଅନୁଯାୟୀ, ଖଣି ଖୋଲା ସମୟରେ ପଲ୍ଲିସଭାରେ ନିଗମ ପକ୍ଷରୁ ବହୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା ପାଳନ ହୋଇନାହିଁ। ଅନ୍ୟପକ୍ଷରେ ଟେଲିଙ୍ଗ ପଣ୍ଡ ହେବା ଦ୍ୱାରା ବଳକା ପାଣି ନାଳରେ ପଡ଼ିବାରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଶୁଣାଇଥିଲେ। ଫଳରେ ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଏ ସମ୍ପର୍କରେ ଖଣି ପରିଚାଳକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ରଗଡ଼ିପଶି ମନ୍ଦିରରେ ମଙ୍ଗଳା ଓଷା



ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଚଢେଇଧରା,୧୯।୧୦(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ରଗଡ଼ିପଶି ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳା ଓଷା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୂତି ମଙ୍ଗଳବାର ଶେଷ ହୋଇଛି। ଗତ ୧୭ ବର୍ଷ ହେଲା ମହିଳାମାନେ ମଙ୍ଗଳା ଓଷା ପାଳନ କରି ଆସୁଛନ୍ତି। ପୂଜା କମିଟି ପକ୍ଷରୁ ସଭାନେତ୍ରୀ ସାବିତ୍ରୀ ପରିଡ଼ା, ଉପସଭାନେତ୍ରୀ ରେବତୀ ବେହେରା, ସମ୍ପାଦିକା ରମ୍ଭା ବେହେରାଙ୍କ ସମେତ ଦିଲ୍ଲୁ ପରିଡା, କନକ ବେହେରା, ନଳିନୀ ବିଶ୍ୱାଳ ପ୍ରମୁଖ ଏହି ପୂଜାରେ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ କବିତା ପାଠୋତ୍ସବ

**ରସୁଲପୁର,୧୯।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ କଳଣ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲାସ୍ତରୀୟ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ଲେଖକ ଓ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ବିଦ୍ୟାଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଜିଲାର କୋଣଅନୁକୋଣରୁ ଯୋଗଦେଇଥିବା ପ୍ରତିଭାମାନେ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ମନୋଜ ଶତପଥୀଙ୍କ ସଂଯୋଜନାରେ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ଯୋଗୀନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଅଧ୍ୟାପକ ବିଜୟ ମହାନ୍ତି, ସମ୍ମାନିତ ଅତିଥି ପ୍ରହ୍ଲାଦ ପଣ୍ଡା, ଶିକ୍ଷକ ପ୍ରତାପରୁଦ୍ର ପଣ୍ଡା, ସ୍ଥାନୀୟ ସରପଞ୍ଚ ସଂଗୀତାରାଣୀ ସାହୁ, ଆଦିକନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଧୁନିକ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବବ୍ରତ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ମା' ଖଣ୍ଡୁରାଇ ପୀଠରେ ସମୂହ ଦୀପଦାନ କରାଯାଇଥିଲା। କଳାକର ନାୟକ, ମନୋରମା ସାହୁ, ନମିତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥି ଲେଖକ ଓ କବିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ନିଶା ଦେଇ ଲୁଟ୍ ଘଟଣାରେ ଜଣେ ଗିରଫ

**ଚଣ୍ଡିଖୋଲ,୧୯।୧୦(ଡି.ଏନ.ଏ.)**

ବସ୍‌ରେ ଆସୁଥିବା ଜଣେ ଯାତ୍ରୀଙ୍କୁ ଚଣ୍ଡିଖୋଲଠାରେ ନିଶା ଦେଇ ଲୁଟ କରାଯାଇଥିଲା। ଏହି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଚରଢିଅ ଗ୍ରାମର ଶଶିଭୂଷଣ ପଣ୍ଡା। ଅଗଷ୍ଟ ୫ରେ ଶଶିଭୂଷଣ ଓ ତାଙ୍କର ଜଣେ ସହଯୋଗୀ ସମ୍ପୃକ୍ତ ବସ୍ ଯାତ୍ରୀଙ୍କୁ ନିଶା ଦେଇ ଲୁଟ କରିଥିଲେ। ଏନେଇ ଅଭିଯୋଗ ହେବାପରେ ଚଣ୍ଡିଖୋଲ ଫାଣ୍ଡି ପୋଲିସ ନଂ.୨୪୬/୨୧ରେ ମାମଲା ରୁଜୁ କରିବା ସହ ସେ ସମୟରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶଶିଭୂଷଣ ଫେରାର ହୋଇ ଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ସୋମବାର ଶଶିଭୂଷଣଙ୍କୁ କୁଜଙ୍ଗରୁ ଗିରଫ କରିବାରେ ସଫଳ ହୋଇଛନ୍ତି।

# ଆଠ ଦିନ ପରେ ବି ପୋଲିସ ହାତ ଖାଲି

## ଛତିଶଗଡ଼ରୁ ମା', ପୁଅ ଉଦ୍ଧାର ଘଟଣା

■ ଅପହରଣରେ ସାମିଲ ପୋଲିସ ଅସଲି ନା ନକଲି

**ଚଣ୍ଡିଖୋଲ,୧୯।୧୦(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ବଜାରରୁ ୧୨ ତାରିଖରେ ମା' ଓ ପୁଅଙ୍କୁ ଅପହରଣ କରି ଛତିଶଗଡ଼ରେ ଲଣ୍ଡାକରି ଫିଙ୍ଗିବା ଘଟଣାକୁ ଏହା ମଧ୍ୟରେ ୮ ଦିନ ବିତିଯାଇଛି। ହେଲେ ପୋଲିସ ଅପହରଣକାରୀଙ୍କ ସମ୍ପର୍କରେ ସୁରାକ ପାଇ ପାରିନାହିଁ। ତଦନ୍ତ ଚାଲିଛି କହି ପୋଲିସ କୌଣସି ସୂଚନା ଦେଉନାହିଁ। ତେବେ ଅପହୃତା ମହିଳାଙ୍କ ବୟାନ ଅନୁଯାୟୀ ବାଲିଚନ୍ଦ୍ରପୁର ବଜାରରୁ ଏକ ବୋଲେରୋ ଯୋଗେ ତାଙ୍କୁ ଅପହରଣ କରାଯାଇଥିଲା। ବୋଲେରୋ ନିକଟକୁ ଯିବା ପାଇଁ ଜଣେ ପୋଲିସ ପୋଷାକଧାରୀ ବ୍ୟକ୍ତି ତାଙ୍କୁ ଡାକିଥିଲେ। ତେବେ ମା'ପୁଅ ଯିବାକୁ ଡେରିକରିବାରୁ ସେହି ପୋଲିସ ପୋଷାକଧାରୀ ବ୍ୟକ୍ତି ଜଣକ ଚଢାଗଳାରେ ଦ୍ୱିତୀୟ ଥର ଡାକିଥିଲେ ବୋଲି ମହିଳା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଘଟଣାରେ ସମ୍ପୃକ୍ତ ପୋଲିସ ପୋଷାକଧାରୀ ବ୍ୟକ୍ତି ଅସଲି ନା ନକଲି ତାହାକୁ ନେଇ ସନ୍ଦେହ ବଢ଼ିଛି। ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁର ଭଳି ଏକ ଜନଗହଳିପୂର୍ଣ୍ଣ ବଜାରରେ ଜଣେ ପୋଲିସ ପୋଷାକରେ ଆସି ଅପହରଣ କରିବାକୁ ନେଇ ନାନା ଆଲୋଚନା ହେଉଛି।

ସୂଚନା ଥାଉକି, ଏହି ଥାନା କୃଷ୍ଣପୁର ଶାସନ ଅଞ୍ଚଳର ମହିଳା ଓ ତାଙ୍କ ପୁଅଙ୍କୁ ବାଲିଚନ୍ଦ୍ରପୁର ବଜାରର କୁଆଁପାଳରୋଡରୁ ଅପହରଣ କରାଯାଇଥିଲା। ୧୪ ତାରିଖ ସକାଳୁ ସରେଇପଲି ପୋଲିସ ଉଭୟ ମା' ଓ ପୁଅଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ଉଦ୍ଧାର ସମୟରେ ଉଭୟ ଲଣ୍ଡା ହୋଇଥିବା ବେଳେ ମୁହଁରେ କଳା ବୋଳା ଯାଇଥିଲା। ସେମାନେ ସେଠାରୁ ସ୍ଥାନୀୟ ପୋଲିସ ସହାୟତାରେ ନିଜ ଗ୍ରାମକୁ ଫେରିଛନ୍ତି। ଏବେ ସୁସ୍ଥ ହେବାପରେ ମହିଳା ଜଣକ ଘଟଣା ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ବୟାନ ରଖିଥିଲେ। ଏହାସହ ସୋମବାର ବାଲିଚନ୍ଦ୍ରପୁର ପୋଲିସ ତାଙ୍କ ବୟାନ ରେକର୍ଡ କରିଛି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କୌଣସି ସୁରାକ ନ ପାଇବା ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଥାନାଧିକାରୀ ବିଜୟିନୀ ମଲ୍ଲଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ।

# ମାନପୁର ଛକରୁ ଚୋରି ଅଭିଯୋଗ

**ରସୁଲପୁର,୧୯।୧୦(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ମାନପୁର ଛକରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମରାମତି ଦୋକାନରୁ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ମାନସ ରଞ୍ଜନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୋମବାର ରାତି ପ୍ରାୟ ୧୦ଟାରେ ମାନସ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ତେବେ ଲଗାଣ ବର୍ଷା ଓ ଅନ୍ଧାରର ସୁଯୋଗରେ ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ମୂଲ୍ୟବାନ ସାମଗ୍ରୀ ଚୋରି କରିଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହାଛଡ଼ା ଦୁର୍ବୃତ୍ତ ଏହି ଛକସ୍ଥିତ ଏକ ଜନସେବାକେନ୍ଦ୍ର ଓ ଗ୍ୟାରେଜରେ ତାଲା ଭାଙ୍ଗି ଚୋରି କରିବାକୁ ପ୍ରୟାସ କରି ବିଫଳ ହୋଇଛନ୍ତି। ରବିବାର ରାତିରେ ଗନ୍ଧଣ ପଞ୍ଚାୟତର ଏକ ଶିବ ମନ୍ଦିରରୁ ମଧ୍ୟ ଚୋରି ହୋଇଥିଲା। ଦୁର୍ବୃତ୍ତ ପୂଜାରେ ବ୍ୟବହୃତ ମୂଲ୍ୟବାନ ପିତ୍ତଳ ସାମଗ୍ରୀକୁ ଚୋରି କରି ନେଇଥିଲେ। ଏବେ ଗାଁ ଗଣ୍ଡାରେ ଦୁର୍ବୃତ୍ତ ସକ୍ରିୟ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି। ତେଣୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଗୌରବ ଆଣିଛନ୍ତି ଅମୃତ ରଞ୍ଜନ

**ଧର୍ମଶାଳା,୧୯।୧୦(ଡି.ଏନ.ଏ.)**

ଗଙ୍ଗାଧରପୁର ନାକପୋଲସ୍ଥିତ ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ତଥା ଗବେଷକ ଡ. ଅମୃତ ରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଡ. ଜେନା କମ୍ପ୍ୟୁଟର ବିଜ୍ଞାନରେ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ହାସଲ କରିଥିବାରୁ ତାଙ୍କୁ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ମାନପତ୍ର, ଉପଢ୍ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ପୁରାତନ ଛାତ୍ର ସଂସଦ ସଭାପତି ଇଂ. ନିରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରେଇ, ଶିକ୍ଷାବିତ୍ ନାରାୟଣ ସ୍ୱାଇଁ, ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ଶିକ୍ଷକ ସଂଘ ନେତା ଯୁଗଳ କିଶୋର ଦାସ, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ପ୍ରାକ୍ତନ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ଦାସ, ନବଘନ ମହାନ୍ତି ଯୋଗଦେଇ ଡ. ଜେନା ଏହି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି କହିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମାନପତ୍ରକୁ ଦିଲୀପ ଜେନା ପାଠ କରିଥିଲେ। ସହ ସମ୍ପାଦକ ଦେବବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ନରେନ୍ଦ୍ର ବେହେରା ସୂଚନା ପ୍ରଦାନ କରିଥିଲେ। ସ୍କୁଲ ଜୀବନର ଅନୁଭୂତି, ଗୁରୁଜୀ ଓ ପିତାମାତଙ୍କ ଆଶୀର୍ବାଦ ଯୋଗୁ ଡ. ଜେନା ଏହି ସଫଳତା ପାଇଛନ୍ତି ବୋଲି କହିଥିଲେ।



ଗବେଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କଂଗ୍ରେସର ସାଙ୍ଗଠନିକ ବୈଠକ

**ସିଂହପୁର,୧୯।୧୦(ଡି.ଏନ.ଏ.)**

ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ କରିବାକୁ ଏକ ସାଙ୍ଗଠନିକ ବୈଠକ ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ର ଶେଖର ଧଳଙ୍କ ନେତୃତ୍ୱରେ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏଥିରେ ପିସିସିର ସମ୍ପାଦକ ପଦ୍ମାକର ଗୁରୁ, ବରିଷ୍ଠ ନେତା ନିମାଇଁଚରଣ ସାମଲ, ଦାମୋଦର ସାମଲ, ବ୍ରଜକିଶୋର ଦାସ, ବ୍ରହ୍ମାନନ୍ଦ ବଳ ପ୍ରମୁଖ ସଦସ୍ୟ ଅଛନ୍ତି । ଏହି ବୈଠକରେ ବ୍ଲକ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଦାମ ଚରଣ ସାମଲ, ଅମୀୟ ଧଳ, ନାରାୟଣ ମଲିକ, ମନୋରଞ୍ଜନ ଦାସ, କନକଲତା ମଲ୍ଲିକ, ସନ୍ତୋଷ ସାହୁ, ମନୋଜ ସାମଲ, ସରୋଜ ନାୟକ, ବିଜନ ଦାସ, ପଙ୍କଜ ବେଉରିଆ, କବୁଲ ବେଗ ପ୍ରମୁଖ ଯୋଗ ଦେଇ ସଙ୍ଗଠନକୁ ମଜଭୁତ କରିବାକୁ ଶପଥ ନେଇଥିଲେ।

**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At:Ichhapur, Post : Shree Baladevjew
Email: eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**
No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.): ଗୋଷାଣୀ ବ୍ଲକ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମଠାରେ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ି ପଡି ଗୁହାଳ ଘର ଭାଙ୍ଗିଯାଇଛି। ଭୋର୍ ପ୍ରାୟ ୩ଟାରେ ଗୁହାଳ କାନ୍ଥ ପଡିଯିବାରୁ ଗାଇ ବାଛୁରି ଚିତ୍କାର କରିଥିଲେ। ଗ୍ରାମବାସୀ ତୁରନ୍ତ କାନ୍ଥ ତଳେ ଚାପି ହୋଇ ରହିଯାଇଥିବା ଗାଇ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ଗୁରାଣ୍ଡି ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲା ଏବଂ ଘଟଣାସ୍ଥଳକୁ ନୂତନ ଭାବେ ଯୋଗଦେଇ ଥିବା ରାଜସ୍ୱ ନିରୀକ୍ଷକ ନିରୀକ୍ଷଣ କରି ଫେରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ପାଇଁ ୱାର୍ଡ ସଭ୍ୟା ସନ୍ତୋଷି ନାୟକ, ସୁନିତା ପାତ୍ର ପ୍ରମୁଖ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ଦୁର୍ଘଟଣାରେ ଯୁବକ ମୃତ, ୨ ଗୁରୁତର

ବ୍ରହ୍ମପୁର ଅଫିସ,୧୯।୧୦: ଜାତୀୟ ରାଜପଥ-୫୯ ଗୋପାଳପୁର ଜଙ୍କସନ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ବାଇକ ଚାଳକ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀର ଏନ.ଅଙ୍କିତ ରେଡ୍ଡୀ (୧୮)। ଆହତମାନେ ହେଲେ କରାପଲ୍ଲୀର ଏନ.ସନ୍ତୋଷ ରେଡ୍ଡୀ (୪୦) ଓ ତାଙ୍କ ପୁଅ ଏନ. ଭବାନୀ ଶଙ୍କର ରେଡ୍ଡୀ (୧୨)। ଟ୍ରାଫିକ ପୋଲିସ ଏମକେସିଜି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ନଂ. ୪୦/୨୧ ରେ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଗାଡିଟିକୁ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ପୋଲିସ କହିଛି। ସନ୍ତୋଷ ତାଙ୍କ ପୁଅକୁ ନେଇ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ମଙ୍ଗଳବାର ସେ ପୁଅ ସହିତ ଅନ୍ୟ ଜଣେ ଯୁବକଙ୍କୁ ଧରି କମାପଲ୍ଲୀ ଓଭରବ୍ରିଜ ଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଗୋପାଳପୁର ଓଭରବ୍ରିଜ ପୂର୍ବରୁ ଏକ ଗାଡି ତାଙ୍କ ବାଇକକୁ ପଛପଟେ ଧକ୍କା ଦେବାରୁ ବାଇକ୍‌ଟି ରାସ୍ତା କଡ଼କୁ ଖସି ପଡିଥିଲା। ପଛରେ ବସିଥିବା ଅଙ୍କିତ ଛିଟିକି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଗୋପାଳପୁର ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଅଙ୍କିତଙ୍କ ମୃତ୍ୟୁ ଘୋଷଣା କରିଥିଲେ ବୋଲି ପୋଲିସ କହିଛି।

## ବସ୍ ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୯।୧୦: ଜାତୀୟ ରାଜପଥ-୫୯ ଆସ୍କା ରୋଡ ତାଲୁକା ଛକରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ଶ୍ରୀରାମ ନଗରର ସମୀର ସାମନ୍ତରା। ମଙ୍ଗଳବାର ଏମ୍‌କେସିଜି ମେଡିକାଲରୁ ଯୁବକଙ୍କ ମୃତଦେହ ଜବତ କରି ନଂ.୪୦/୨୧ରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ବସ୍ ଡ୍ରାଇଭର ଅରୁଣ କୁମାର ମହାପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମୀର ଜଣେ ରାଜମିସ୍ତ୍ରି ଭାବେ କାମ କରନ୍ତି। ସୋମବାର ସେ ସାଇକେଲରେ ଘରୁ କାମ ହେଉଥିବା ଜାଗା ନିକଟକୁ ଯାଉଥିଲେ। ନୂଆ ତାଲୁକା ଛକରେ ବିକ୍ରାନ୍ତ ନାମକ ଏକ ଯାତ୍ରୀବାହୀ ବସ୍ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସମୀରଙ୍କର ସୋମବାର ମୃତ୍ୟୁ ଘଟିଥିଲା।

## ବିଜେଡିରେ ମିଶିଲେ ଭାଜପାର ୧୦୦ ସମର୍ଥକ

ପୋଲସରା,୧୯।୧୦(ଡି.ଏନ.ଏ.): ପୋଲସରା ବ୍ଲକ ଗୋଛାବାଡ଼ି ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ୧୦୦ ଜଣ ସମର୍ଥକ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ବ୍ଲକର ବହୁ ଭାଜପା ସମର୍ଥକ ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ବ୍ଲକ ସମ୍ପାଦକ ଅଶୋକ କୁମାର ବିଷୋୟୀ, ବ୍ଲକ ଅଧକ୍ଷ ବଳରାମ ସେଠୀ, ସରପଞ୍ଚ ମନୋଜ ଗୌଡ, ସମିତିସଭ୍ୟ ଗଣେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋଷ୍ଟ ୱାଣ୍ଟେଡ୍ କୁନାଙ୍କୁ ଖୋଜୁଛି ପୋଲିସ

ବ୍ରହ୍ମପୁର ଅଫିସ,୧୯।୧୦

ଗଞ୍ଜାମ ଜିଲାର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଭାବେ ବ୍ରହ୍ମପୁର ପୋଲିସ ତାଲିକାରେ ଏବେ କୁନା ବେହେରା ରହିଛନ୍ତି। ତିନି ତିନୋଟି ଥାନା ଅଞ୍ଚଳରେ ଆଡ୍ଡା ଜମାଇ ଥିଲେ। ଘଞ୍ଚ ଜଙ୍ଗଲରେ ହେଉଛି ତାଙ୍କ ଠିକଣା। ଗଞ୍ଜାମ ଜିଲା ଟାମଣା ଘାଟିର ଡନ୍ ଭାବେ ପରିଚିତ ଦୁର୍ଦ୍ଧାନ୍ତ ଅପରାଧୀ କୁନା ଓରଫ୍ ଜଡ଼ା ଅକ୍ଟୋବର ୬ ବିଳମ୍ବିତ ରାତିରେ ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସହିତ ଦିଗପହଣ୍ଡି ଥାନା ଚଢ଼େୟାଗର୍ଦ୍ଦ ଗ୍ରାମ କେରାଣ୍ଡିମାଳ ପାହାଡ଼ ସଂଲଗ୍ନ ଘଞ୍ଚ ଜଙ୍ଗଲ ଭିତରେ ମହାଁମୁହିଁ ହୋଇଥିଲେ। ପୋଲିସ ଆକ୍ରମଣ ସୂଚନା ପାଇ କୁନା ଓ ତାଙ୍କ ସହଯୋଗୀ ପୋଲିସ ଉପରକୁ ଗୁଳି ଓ ବୋମା ପକାଇ ଘଞ୍ଚ ଜଙ୍ଗଲରେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। କୁନା ରହୁଥିବା ଲୋକେଶନ୍ ଟ୍ରାକ୍ କରିବା ପାଇଁ ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ଥିବା ଜଣାପଡ଼ିଛି। ସେପଟେ ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା କୁନା ଅତିଶୀଘ୍ର ଧରା ପଡ଼ିବେ ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି।

ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣାରେ ରହୁଥିବା କୁନା ୨୦୦୮ରେ ଅପରାଧ ଦୁନିଆରେ ପାଦ ଦେଇଥିଲେ। ସେହିବର୍ଷ ଫେବୃୟାରୀରେ ଦିଗପହଣ୍ଡି ଥାନାରେ ତାଙ୍କ ନାଁରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା। ଏହାପରେ କୁନା ଧୀରେ ଧୀରେ ଅଧିକ ସକ୍ରିୟ ହୋଇ ତାଙ୍କ ଗ୍ୟାଙ୍ଗ୍ ଗଠନ କରିଥିଲେ। କୁନାଙ୍କୁ ଧରିବା ପାଇଁ ୪ ଥାନା ଅଞ୍ଚଳରେ ପୋଲିସ ଯାଞ୍ଚ କରି ଚାଲିଥିଲା। ଏପରିକି ତାଙ୍କ ନାଁରେ ଟାଉନ୍, ଗୋଷାଣୀନୂଆଗାଁ ଓ ବୈଦ୍ୟନାଥପୁର ଥାନାରେ ମଧ୍ୟ ମାମଲା ରହିଛି। କୁନା କିଛିବର୍ଷ ଧରି ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଇବା ପରେ ୨୦୧୨ରେ ଗୋଳନ୍ଥରା ଥାନା ଟାମଣା ଜଙ୍ଗଲରେ ଆଡ୍ଡା ଜମାଇଥିଲେ।

ଟାମଣା ଘାଟିରେ ଘଟିଥିବା ଅଧିକାଂଶ ଲୁଟ୍ ଓ ରାହାଜାନିରେ ତାଙ୍କ ଗ୍ୟାଙ୍ଗ୍‌ର ହାତ ଥିବା ପୋଲିସ କହିଛି। ଏପରିକି ସେ ଗୟଳ, ବାର୍‌ହା ଓ ଶମ୍ବର ଭଳି ବନ୍ୟଜନ୍ତୁ ଶିକାର କରି ଶିଙ୍ଗ ଓ ଚମଡ଼ା ଚାଲାଣ କରୁଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ୨୦୧୪ରେ କୁନାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଟାମଣା ଜଙ୍ଗଲରେ ଚଢ଼ାଉ କରିଥିଲା। ହେଲେ ପୋଲିସକୁ ଚକ୍‌ମା ଦେଇ କୁନା ଚମ୍ପଟ୍ ମାରିଥିଲେ। କିନ୍ତୁ ୨୦୧୫ରେ ଗୋଳନ୍ଥରା ଥାନାର ତତ୍କାଳୀନ ଅଧିକାରୀ ଆଲୋକ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଟାମଣା ଜଙ୍ଗଲରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏହି ସମୟରେ ପୋଲିସ ତାଙ୍କ ନିକଟରୁ ବନ୍ୟଜନ୍ତୁ ଶିଙ୍ଗ ଜବତ କରିଥିଲା। ୨୦୦୮ରୁ ୨୦୨୧ ପ୍ରାୟ ୧୨ବର୍ଷ ମଧ୍ୟରେ କୁନାଙ୍କ ନାଁରେ ୨୫ରୁ ଅଧିକ ମାମଲା ରୁଜୁ ହୋଇଛି। ୨୦୧୫ରେ ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏହାପରେ ଜାମିନରେ ବାହାରି ସେ ପୁଣିଥରେ ଅପରାଧ ଘଟାଇ ଚାଲିଥିଲେ। ୨୦୧୮ ଜୁଲାଇ ୪ରେ ପୋଲିସ ଓ କୁନା ଗ୍ୟାଙ୍ଗ୍ ଟାମଣା ଜଙ୍ଗଲ ରାସ୍ତାରେ ମୁହାଁମୁହିଁ ହୋଇ କୁନା ପୋଲିସ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଜେଲରେ ରହି ସୁସ୍ଥ ହୋଇ ଜାମିନ ପାଇବା ପରେ ସେ ପୁଣିଥରେ ଜଙ୍ଗଲରେ ତାଙ୍କ କ୍ୟାମ୍ପ ଚଳାଇଛନ୍ତି। କୁନାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

■ଗୁଳିକରି ମାରିଥିଲେ ଚମ୍ପଟ
■ଏନ୍‌କାଉଣ୍ଟର ପରେ ବି ଭୟ ନାହିଁ


ଦୁର୍ଦ୍ଧାନ୍ତ ଅପରାଧୀ କୁନା ବେହେରା।

# ୧୦ମାସ ବିତିଲା, ଜରିପାଲ ତଳେ ବିତୁଛି ଜୀବନ


ଅଗ୍ନିକାଣ୍ଡ ପରେ ଘର କାନ୍ଥ ଉପରେ ଜରିପାଲ ପଡ଼ିଛି।

ନୟାଗଡ଼ ଅଫିସ,୧୯।୧୦

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଗୁମି ପଞ୍ଚାୟତ କେସେଣ୍ଡା ଗାଁରେ ଅଗ୍ନିକାଣ୍ଡ ଘଟି ୪ ପରିବାର ସର୍ବସ୍ୱ ହରାଇଥିଲେ। ଇତିମଧ୍ୟରେ୧୦ ମାସ ବିତିଥିଲେ ମଧ୍ୟ ଏଯାବତ ବରୁଣ ଜାନୀ, ପ୍ରମିଳା ମଲ୍ଲିକ, ନାଉରୀ ମଲ୍ଲିକ, ପ୍ରଦୀପ ମଲ୍ଲିକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ । ଏହି ୪ ପରିବାର ସଦସ୍ୟ ବର୍ଷା,ଶୀତ କାକରରେ ଜରିପାଲ ତଳେ ଜୀବନ ବିତାଉଛନ୍ତି। ଏହି ପରିବାର ସଦସ୍ୟଙ୍କ ଦୁଃଖ ଦେଖି ଗ୍ରାମୀଣ ଆବାସ ଯୋଜନା କାହା ପାଇଁ, କିଏ ଏହି ଯୋଜନାରେ ସାମିଲ ହେବେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।ଏନେଇ ଦଶପଲ୍ଲା ତହସିଲଦାର କହିଛନ୍ତି, ଜିଲାପାଳଙ୍କ ଅଫିସକୁ ଫାଇଲ ଯାଇଛି । ସ୍ୱୀକୃତି ମିଳିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଜାତୀୟ ସେବା ଶିବିର ଉଦ୍‌ଯାପିତ


ସ୍ୱତନ୍ତ୍ର ସେବା ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୧୯।୧୦(ସ୍ୱ.ପ୍ର.)

ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗତ ୧୩ ତାରିଖରୁ ଚାଲିଥିବା ଶାରଦୀୟ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ୫୦ ଛାତ୍ରୀଛାତ୍ର ଉକ୍ତ ଶିବିରରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିଦିନ ରାସ୍ତାଘାଟ, ମନ୍ଦିର ପ୍ରାଙ୍ଗଣ, ସ୍ୱାସ୍ଥ୍ୟକେନ୍ଦ୍ର ଓ କଲେଜ ପରିସର ସଫା କରାଯିବା ସହ ଜନ ସଚେତନତା ସୃଷ୍ଟି କରାଯାଇଥିଲା । କଲେଜର ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବ କଲେଜ ଅଧକ୍ଷ ଶରତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧ୍ୟାପକ ମାନଗୋବିନ୍ଦ ରାଉତ, ଦୀନବନ୍ଧୁ ସାହୁ, ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା କାର୍ଯ୍ୟରେ ମନ ଦେଲେ ଆତ୍ମତୃପ୍ତି ମିଳିଥାଏ। ସେଥିପାଇଁ ପର ଦୁଃଖରେ ଦୁଃଖୀ ହୋଇ ସେବା କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଶରଳା ବେହେରା ଓ ଅଧ୍ୟାପକ ହୃଷୀକେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗୀତ, ନୃତ୍ୟ, ତର୍କ, ରଚନା ଲିଖନ, ନାଟକ, ସାଧାରଣ ଜ୍ଞାନ ପରୀକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

## ୨୪ଘଣ୍ଟାରେ ୨୧ ଜୁଆଡ଼ି ଗିରଫ ୧.୨୫ ଲକ୍ଷ ଜବତ

ବ୍ରହ୍ମପୁର ପୋଲିସ,୧୯।୧୦

ସଗଞ୍ଜାମ ଜିଲା ସଦର ଥାନା ଓ ବଡବଜାର ଥାନା ପୋଲିସ ପୃଥକ ଭାବେ ୩ ଜୁଆ ଆଡ୍ଡାରେ ଚଢ଼ାଉ କରି ୨୧ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧ ଲକ୍ଷ ୨୫ ହଜାର ୩୦୦ ଟଙ୍କା ଜବତ କରିଛି। ସଦର ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀରେ ପୋଲିସ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ କାବୁ କରିବା ସହ ୧୧୪୬୦ ଟଙ୍କା ଜବତ କରିଛି। ସେହିପରି ଆଙ୍କୁଶପୁରରେ ଚଢ଼ାଉ କରି ୭ଜୁଆଡ଼ିଙ୍କୁ କାବୁ କରିବା ସହ ୫୧୭୦୦ ଟଙ୍କା ଜବତ କରିଛି। ସେହିପରି ବଡବଜାର ଥାନା ଅନ୍ତର୍ଗତ ପ୍ରେମ ନଗରରେ ଚଢ଼ାଉ କରି ୮ଜୁଆଡ଼ିଙ୍କୁ କାବୁ କରିଥିଲା। ଜୁଆ ଆଡ୍ଡାରୁ ୫୨୧୪୦ ଟଙ୍କା ଜବତ କରିଛି। ସଦର ଥାନା ପୋଲିସ ନଂ.୩୪୩/୨୧ ଓ ୩୪୪/୨୧ ରେ ଦୁଇଟି ମାମଲା ରୁଜୁ କରିଛି। ସେହିପରି ବଡବଜାର ପୋଲିସ ନଂ.୨୧୮/୨୧ରେ ଏକ ମାମଲା ରୁଜୁ କରିଛି। ଗିରଫ ୨୧ ଜୁଆଡ଼ିଙ୍କୁ ଥାନାରୁ ଜାମିନରେ ଛଡା ଯାଇଥିବା ପୋଲିସ କହିଛି।

# ପାଇପ୍ ଫାଟି ପାନୀୟ ଜଳ ପ୍ରଦୂଷିତ


ଭୂତଳ ପାଇପ୍ ଫାଟି ରାସ୍ତାରେ ଝରୁଥିବା ପାଣି।

ଓଡ଼ଗାଁ,୧୯।୧୦(ସ୍ୱ.ପ୍ର.)

ଦୀର୍ଘ ୩୦ ବର୍ଷର ପ୍ରତୀକ୍ଷା ପରେ ଓଡ଼ଗାଁ ଏନଏସି ଅଧୀନ ବିଜୟ ମଣ୍ଡପ ସାହିକୁ ପାନୀୟ ଜଳ ପାଇପ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା । ଗତ ୩ ମାସ ତଳେ ଡ୍ରେନ ପାର୍ଶ୍ୱ ସିମେଣ୍ଟ ରୋଡ଼ ଖୋଳାଯାଇ ପାଇପ ଲାଇନ ପୋତାଯାଇଥିଲା । ଷ୍ଟାଣ୍ଡପୋଷ୍ଟ ସହିତ ଏହି ପାଇପ ଲାଇନକୁ ସଂଯୋଗ କରାଯାଇଥିଲା । ଲୋକମାନେ ଷ୍ଟାଣ୍ଡପୋଷ୍ଟ ମାଧ୍ୟରେ ପାନୀୟ ଜଳ ପାଇ ଖୁସି ହୋଇଥିଲେ । ହେଲେ ଏବେ ଭୁତଳ ପାଇପ ଫାଟି ଯାଇଛି । ସିମେଣ୍ଟ ରୋଡ଼ ଫଟାଇ ପାଣି ଝରୁଥିବା ଦେଖିବାକୁ ମିଳିଛି । ସାହିର କେତେଜଣ ମହିଳା ଷ୍ଟାଣ୍ଡପୋଷ୍ଟରୁ ପାନୀୟ ଜଳ ସଂଗ୍ରହ କରୁଥିବା ବେଳେ ଆଉ କେତେଜଣ ରାସ୍ତା ଫାଟି ବାହାରୁଥିବା ପାଣି ସଂଗ୍ରହ କରୁଛନ୍ତି । ହେଲେ ସେହି ପାଣି କେତେ ପ୍ରଦୂଷିତ ତାହା କେହି ବୁଝୁ ନାହାନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଜେଇଙ୍କୁ ଭେଟିବାକୁ ସ୍ଥାନୀୟ ଲୋକେ ଯାଇଥିଲେ । ହେଲେ ତାଙ୍କ ଅଫିସରେ ତାଲା ଝୁଲୁଥିଲା । ତାଙ୍କ ମୋବାଇଲ ଫୋନ୍ ବି ବନ୍ଦ ଥିଲା । ଏହାପରେ ପିଏଚ୍‌ଇଡ଼ି ସହକାରୀ ଯନ୍ତ୍ରୀ ଦୀନବନ୍ଧୁ ସାହୁଙ୍କ ମୋବାଇଲକୁ ଫୋନ୍ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା ।

# ବାର୍‌ହାପଲଙ୍କ ଯୋଗୁ ଉଜୁଡୁଛି ଫସଲ

ଖଣ୍ଡପଡା,୧୯।୧୦(ସ୍ୱ.ପ୍ର)

**ଚିନ୍ତାରେ ଚାଷୀ, କାର୍ଯ୍ୟାନୁଷ୍ଠାନ ଶୂନ୍ୟ**

ଚଳିତ ବର୍ଷ ପ୍ରାରମ୍ଭରୁ ଅନିୟମିତ ବୃଷ୍ଟିପାତ, ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀ ଓ ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିପାଇଁ ନଦୀ ତଟବର୍ତ୍ତୀ ଜମିରେ ହୋଇଥିବା ଧାନ ଓ ପରିବା ଫସଲ ନଷ୍ଟ ହୋଇଥିଲା । ଏପରି ଦୈବଦୁର୍ବିପାକ ଯୋଗୁ ଖଣ୍ଡପଡ଼ା ଅଞ୍ଚଳ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ଏହାପରେ ବି ଚାଷୀମାନେ ବିଭିନ୍ନ ଫସଲ କରି ନିଜ ପରିବାର ଚଳାଇବାକୁ ଚେଷ୍ଟା କରୁଥିବା ବେଳେ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ଆରମ୍ଭ ହୋଇଛି । ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ସଞ୍ଜ ନଇଁଲେ ବାର୍‌ହା ପଲ ଜଙ୍ଗଲରୁ ଜନବସତି ଆଡ଼କୁ ଚାଲିଆସି ଫସଲ ନଷ୍ଟ କରୁଛନ୍ତି । ବାର୍‌ହା ପଲକୁ ଘଉଡାଇବା ପାଇଁ ଚାଷୀମାନେ ରାତି ସାରା ଉଜାଗର ରହୁଛନ୍ତି । ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା, ବାଣପୁର ଅଞ୍ଚଳର ଚାଷୀମାନେ ନଦୀପଠା ଓ ତତ୍‌ସଂଲଗ୍ନ ଜମିରେ ଚିନାବାଦାମ, ପରିବା ଚାଷ କରିଛନ୍ତି । ସେହି ଫସଲକୁ ବାର୍‌ହା ପଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଜି.ଉଦୟଗିରି,୧୯।୧୦(ଡି.ଏନ.ଏ.)

ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ମଙ୍ଗଳବାର ଉକ୍ତ ଗ୍ରାମର ବିକୁନା ପ୍ରଧାନଙ୍କୁ ପୋଲିସ ଫୁଲବାଣୀ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ନାବାଳିକାଙ୍କ ମା'ଙ୍କ ଏତଲା କ୍ରମେ ନଂ. ୯୮/୨୧ରେ ମାମଲା ରୁଜୁ ହୋଇଛି। ଗତ ରବିବାର ଘରେ ନାବାଳିକା ଏକୁଟିଆ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲେ।

# ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି କମିଟି ଗଠିତ


ପ୍ଲାଟିନମ୍ ଜୁବୁଲି ପାଇଁ ଅନୁଷ୍ଠିତ ବୈଠକ।

ଦଶପଲ୍ଲା,୧୯।୧୦(ଡି.ଏନ୍.ଏ.)

ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମଙ୍ଗଳବାର ପ୍ରଫେସର ନନ୍ଦକିଶୋର ମିଶ୍ରଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଯାଇଛି । ଉକ୍ତ କମିଟିର ସଭାପତି ଭାବେ ପ୍ରଦୋଷ କୁମାର ଜେନା ମନୋନୀତ ହୋଇଥିବା ବେଳେ ଉପସଭାପତି ଦିଲ୍ଲୀପ କୁମାର ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହ ସମ୍ପାଦକ ଦିଲ୍ଲୀପ କୁମାର ପଣ୍ଡା, କୋଷାଧକ୍ଷ ସୁବାସ ଚନ୍ଦ୍ର ମିଶ୍ର ଓ ସଜ୍ଜନ କୁମାର ରାୟ, ସଂଯୋଜକ କୁଞ୍ଜ ବିହାରୀ ମିଶ୍ର, ସମୀକ୍ଷକ ଗୋଲକ ବିହାରୀ ମହାନ୍ତି ଓ ବସନ୍ତ କୁମାର ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ ଉମାକାନ୍ତ ସାହୁଙ୍କୁ ମନୋନୀତ କରାଯାଇଛି। ୨୦୨୨ ଫେବୃୟାରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକ ସମସ୍ତଙ୍କୁ ମୋ ସ୍କୁଲ ଅଭିଯାନରେ ସାମିଲ ହେବାକୁ ନିବେଦନ କରିଛନ୍ତି ।

# କୋଭିଡ୍‌ରୁ ବ୍ୟବସାୟରେ କ୍ଷତି

ବ୍ରହ୍ମପୁର ଅଫିସ୍,୧୯।୧୦

■ କ୍ଷତିରେ ଫଳ, ଫୁଲ, ପରିବା ଚାଷୀ
■ ଉଦ୍ୟାନ ବିଭାଗର ଚାଷୀଙ୍କୁ ସହାୟତା
■ ଛତୁ ଚାଷକୁ ପ୍ରାଧାନ୍ୟ


ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଛତୁ ଚାଷ।

କୋଭିଡ୍ ମହାମାରୀ ସମୟରେ ଗଞ୍ଜାମ ଜିଲାରେ ଫଳ, ଫୁଲ ଓ ପନିପରିବା ଚାଷୀ ବ୍ୟାପକ କ୍ଷତି ସହିଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ଗଞ୍ଜାମ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଉପରୋକ୍ତ ଚାଷ ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ରିହାତି ସୁବିଧା ସହ ଛତୁ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ଚାଷୀ କିଛିଟା ଆଶ୍ୱସ୍ତି ଲାଭ କରିଛନ୍ତି। ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଆମ୍ବ, କଦଳୀ, ପିଜୁଳି, କାଜୁ ବାଦାମ, ନଡିଆ ଓ ଅମୃତ ଭଣ୍ଡା ଆଦି ୩୧୮୫ ଏକରରେ ଚାଷ ହେଉଥିବା ବେଳେ ଏଥିରେ ୨୭୭୫ ଚାଷୀ ନିୟୋଜିତ ଅଛନ୍ତି। ଏଭଳି ଚାଷୀଙ୍କୁ ବିଭାଗ ପକ୍ଷରୁ ୭୫% ସହାୟତା ରାଶି ପ୍ରଦାନ କରାଯାଇଥିବା ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ସେହିଭଳି ଗଞ୍ଜାମ ଜିଲାରେ ଗୋଲାପ, ଗ୍ଲାଡିଓଲି, ରଜନୀଗନ୍ଧା ଓ ଗେଣ୍ଡୁ ଫୁଲଚାଷ ୧୨୭ ଏକର ଜମିରେ ୨୪୩ ଚାଷୀଙ୍କୁ ନେଇ ଫସଲ ହେଉଛି। ଏଭଳି କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସର୍ବାଧିକ ହେକ୍ଟର ପିଛା ୬୦ ହଜାର ଟଙ୍କା ଓ ବଡ ଚାଷୀଙ୍କ ପାଇଁ ୩୭ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏଥିସହ ସବୁଜ ଗୃହ ମଧ୍ୟରେ ଫୁଲଚାଷୀଙ୍କୁ ୭୦ ଭାଗ ରିହାତି ଓ ସବୁଜ ଛାୟା ଗୃହ ଭିତରେ ଚାଷ କରିବା ପାଇଁ ୫୦ ଭାଗ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଜିଲାରେ ୨୨୫୦ ଏକର ଜମିରେ ୨୧୯୮ ଚାଷୀଙ୍କୁ ନେଇ ସଙ୍କର ଜାତୀୟ ଫସଲ ହେଉଛି। ଏଭଳି ଚାଷୀଙ୍କୁ ହେକ୍ଟର ପିଛା ୨୦ ହଜାର ଟଙ୍କା ସହାୟତା ଡିବିଟି ମାଧ୍ୟରେ ସଞ୍ଚୟ ଖାତାକୁ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି। ତେବେ କୋଭିଡ୍ ମହାମାରୀ ପରିସ୍ଥିତିରେ ଚାଷୀଙ୍କ ଜୀବିକା ନିର୍ବାହ ପାଇଁ ଛତୁ ଚାଷକୁ ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଜିଲାରେ ୮୦୦ ଚାଷୀଙ୍କୁ ୧୫ ଛତୁ ଶଯ୍ୟା ଓ ୧ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏପରିକି ମହିଳା ସ୍ୱୟଂ ଗୋଷ୍ଠୀଙ୍କୁ ବାଉଁଶ ନିର୍ମିତ ସବୁଜ ଗୃହରେ ଛତୁ ଚାଷ କରିବା ପାଇଁ ୧୫୦ ଛତୁ ଶଯ୍ୟା ଓ ଗୋଷ୍ଠୀ ପିଛା ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ଛତୁ ଉତ୍ପାଦନ ପାଇଁ ଶତକଡା ୪୦ ଭାଗ ଅର୍ଥାତ୍ ୬ ଲକ୍ଷ ଟଙ୍କାର ସହାୟତା ରାଶି ପାଇଁ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭବାନ ହୋଇଥିବା ଜଣାପଡିଛି।

## ମାଙ୍କଡା ପଥର ଗାଡ଼ି ଜବତ

**ନୟାଗଡ଼ ଅଫିସ:** ନୟାଗଡ଼ ତହସିଲ ଚମ୍ପତିପୁର ଗାଁ ନିକଟରୁ ଏକ ବେଆଇନ ମାଙ୍କଡା ପଥର ଗାଡ଼ି ଜବତ ହୋଇଛି । ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଓ ରୟାଲିଟି ପରେ ପଥର ବୋଝେଇ ଗାଡିକୁ ଛାଡି ଦିଆଯାଇଛି। ଚାନ୍ଦପୁର ଥାନା ଅଞ୍ଚଳରୁ ଏହି ପଥର ଚାଲାଣ ହେଉଥିବା ଖବର ମିଳିଛି ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ନୂଆଗାଁ, ୧୯।୧୦(ଡି.ଏନ୍.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଗାତେରୀ ଗ୍ରାମର ଜଣେ ଯୁବକ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଜଗନ ନାୟକ (୨୦) । ସୂଚନା ଅନୁଯାୟୀ, ଜଗନ ଘର ଭିତରେ ଝୁଲୁଥିବା ଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାର ତଦନ୍ତ ଚାଲିଛି । ଆତ୍ମହତ୍ୟାର କାରଣ ଜଣାପଡି ନାହିଁ ବୋଲି ପୋଲିସ କହିଛି ।

### ଛତିଶଗଡ଼ରେ ଓଡ଼ିଆ ଯୁବକଙ୍କୁ ହତ୍ୟା

**ନୟାଗଡ଼ ଅଫିସ,୧୯।୧୦:** ନୟାଗଡ଼ ଜିଲା ଶରଣକୁଳ ଥାନା ହରିହରପୁର ଗାଁର ରଘୁନାଥ ସାହୁ(୨୩)ଙ୍କୁ ଛତିଶଗଡରେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ରଘୁନାଥ ଛତିଶଗଡ଼ରେ ରେଳ ବିଭାଗରେ ଚାକିରି କରୁଥିଲେ । ତାଙ୍କର ମୃତଦେହ ଘରେ ଗାମୁଛାରେ ଝୁଲୁଥିଲା ବେଳେ ମୁଣ୍ଡରୁ ରକ୍ତସ୍ରାବ ହୋଇ ଘରେ ରକ୍ତଛିଟା ପଡିଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ । ଅଭିଯୁକ୍ତ ରଘୁନାଥଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ମୃତଦେହକୁ ଝୁଲାଇ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଖବର ପାଇ ରଘୁନାଥଙ୍କ ମା'ପ୍ରଭାତୀ ଓ ପରିବାର ଲୋକ ଛତିଶଗଡ଼ରେ ପହଞ୍ଚି ସ୍ଥାନୀୟ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।

### ବାଇକ୍ ଧକ୍କାରେ ଯୁବକ ମୃତ

**ଦଶପଲ୍ଲା,୧୯।୧୦(ଡି.ଏନ.ଏ.):** ମଙ୍ଗଳବାର ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଓଡିଆପଦର ଗ୍ରାମରେ ଜଣେ ଯୁବକଙ୍କ ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି । ମୃତକ ହେଲେ ସନ୍ତୋଷ ଦେହୁରୀ (୪୨)। ସେ ଗାଈ ଛାଡି ଘରକୁ ଫେରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ ଘଟିଥିଲା ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଜବତ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଦଶପଲ୍ଲା ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା କହିଛନ୍ତି ।

### ସମବାୟବିତ୍‌ଙ୍କ ପରଲୋକ



**ଖଣ୍ଡପଡ଼ା,୧୯।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ପଞ୍ଚାୟତର ବିଶିଷ୍ଟ ସମବାୟବିତ୍ ଭଗବାନ ଦଳେଇ(୭୩)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ସେ ଗତ ୪ମାସ ହେଲା କ୍ୟାନସର ରୋଗରେ ପୀଡିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଭଗବାନ ବିଭିନ୍ନ ଅନୁଷ୍ଠାନ ସାମିଲ ସହିତ ସାମାଜିକ କାର୍ଯ୍ୟରେ ସହଯୋଗ କରୁଥିଲେ । ତାଙ୍କ ମରଶରୀରରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ଦୋକାନ ନୁହେଁ, ବଢୁଛି ଗୋଦାମ

- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ବ୍ୟବସାୟ କମୁଛି, ଚିନ୍ତାରେ ଖୁଚୁରା ବ୍ୟବସାୟୀ

**ନୟାଗଡ଼ ଅଫିସ,୧୯।୧୦**



ବିଜୁ ମାର୍କେଟ ।

ଲିଜ୍ ମିଳିଛି ଦୋକାନ କରିବାକୁ । ହେଲେ ନୟାଗଡ଼ ସହର ବିଜୁ ମାର୍କେଟରେ ଦୋକାନ ନୁହେଁ, ଗୋଦାମ ସଂଖ୍ୟା ବଢ଼ି ଚାଲିଛି । ହେଲେ ପୌର କର୍ତ୍ତୃପକ୍ଷ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯାହାକି ଖୁଚୁରା ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଅନ୍ୟପକ୍ଷେ ବିଜୁ ମାର୍କେଟରେ ପାର୍କିଂ ବ୍ୟବସ୍ଥା ନାହିଁ । ଦୋକାନୀ ଓ ଗ୍ରାହକଙ୍କ ପାଇଁ ଶୌଚାଳୟ, ପରିସ୍ରାଗାର ପରି ସର୍ବନିମ୍ନ ସୁବିଧା ନାହିଁ । ଏହି ପରିପ୍ରେକ୍ଷୀରେ ଗୋଦାମ ହଟାଇବା ଓ ବ୍ୟବସାୟୀ, ଗ୍ରାହକମାନଙ୍କୁ ସର୍ବନିମ୍ନ ସୁବିଧା ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ପୌର ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ଅବଗତ କରାଯାଇଛି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଆଜିକୁ ପ୍ରାୟ ୨୧ ବର୍ଷ ତଳେ ନୟାଗଡ଼ ଏନଏସି ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ଦୋକାନ ଘର ଲିଜ୍ ସୂତ୍ରରେ ବ୍ୟବସାୟୀମାନଙ୍କୁ ଦିଆଯାଇଥିଲା। ପ୍ରତି ମାସରେ ଏନଏସି ପକ୍ଷରୁ ଦୋକାନ ଭଡା ଆଦାୟ କରାଯାଉଛି । ତେବେ ଦୋକାନ ନିର୍ମାଣ ସମୟରେ ଦୋକାନୀ ଓ ଗ୍ରାହକଙ୍କ ପାଇଁ ଶୌଚାଳୟ, ପରିସ୍ରାଗାର, ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିଲା। ୨୧ ବର୍ଷ ପରେ ବି ଏହି ସୁବିଧା ଉପଲବ୍ଧ ହୋଇନାହିଁ। ବଜାରରେ ଗୋଦାମ ଘର ଅଧିକ ଓ ଦୋକାନ ସଂଖ୍ୟା କମି ଚାଲିଛି। ମାଲିକମାନେ ଗୋଦାମରୁ ଅଧିକ ଭଡ଼ା ପାଉଛନ୍ତି। ଫଳରେ ଲିଜ୍‌ଧାରୀମାନେ ଦୋକାନ ପାଇଁ ଭଡ଼ା ନ ଦେଇ ଗୋଦାମ ଲାଗି ଭଡ଼ା ଦେଉଛନ୍ତି । ଏହାଦ୍ୱାରା ଲିଜ୍ ନେଇଥିବା ମାଲିକମାନେ ଲାଭରେ ରହୁଥିବାବେଳେ ହାତ ଗଣତି ଯେଉଁ ଦୋକାନୀ ଅଛନ୍ତି ସେମାନଙ୍କ ବ୍ୟବସାୟ କମିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି । ଗୋଦାମ ସଂଖ୍ୟା ବଢ଼ିବାରୁ ରାସ୍ତା ଉପରେ ଯାନବାହାନ ରଖାଯାଉଛି। ଗ୍ରାହକମାନେ ବଜାର ଭିତରକୁ ଯିବାରେ ହଇରାଣ ହେଉଥିବାରୁ ବ୍ୟବସାୟରେ ବାଧା ସୃଷ୍ଟି ହେଉଛି। ପୁଣି ଅସରାଏ ବର୍ଷା ହେଲେ ସେହି ବଜାର କର୍ଦ୍ଦମାକ୍ତ ହୋଇ ପଡୁଛି। କେତେଜଣ ଲୋକ ବଜାରକୁ ପରିସ୍ରାଗାର ଭାବେ ବ୍ୟବହାର କରୁଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି ବୋଲି ଜଣେ ବ୍ୟସାୟୀ କହିଛନ୍ତି। ସେହିପରି ସିମେଣ୍ଟ ଅତଡା ଖସିବା ଦ୍ୱାରା ଦୋକାନ ଘରଗୁଡିକ ଅସୁରକ୍ଷିତ ହୋଇ ପଡିଲାଣି । ଇତିମଧ୍ୟରେ ନୟାଗଡ଼ ଏନଏସି ମ୍ୟୁନିସିପାଲିଟି ମାନ୍ୟତା ପାଇଛି। ତଥାପି ବିଜୁ ମାର୍କେଟର ପରିବର୍ତ୍ତନ ହୋଇନାହିଁ । ପୌର କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବିଜୁ ମାର୍କେଟରେ ଆଉ ଦୋକାନ ନୁହେଁ କେବଳ ଗୋଦାମ ଦେଖିବାକୁ ମିଳିବ ବୋଲି ଏକାଧିକ ଖଚୁରା ବ୍ୟବସାୟୀ ମତବ୍ୟକ୍ତ କରିଛନ୍ତି। ଜଣେ ଦୋକାନୀ ନିଜ ନାଁ ଗୋପନ ରଖି କହିଛନ୍ତି, ୧୦୫ ଦୋକାନକୁ ଲିଜ୍ ଦିଆଯାଇଛି । ଏଥିରୁ ୧୫ ପ୍ରତିଶତ ବ୍ୟକ୍ତି ନିଜେ ମାଲିକ ହୋଇ ଦୋକାନ କରିଛନ୍ତି। ଆଉ ୩୦ପ୍ରତିଶତ ଲୋକ ଦୋକନାକୁ ଭଡ଼ା ଦେଇଛନ୍ତି । ବଳକା ୫୫ ପ୍ରତିଶତ ଘର ଗୋଦାମ ଘର ହୋଇଛି । ଗୋଦାମ ପାଇଁ ମାସିକ ଭଡ଼ା ଦେଢ଼ ହଜାରରୁ ସାଢ଼େ ୩ ହଜାର ଟଙ୍କା ମିଳୁଛି । ଦୋକାନ ଭଡ଼ା ୧ ହଜାରରୁ ଅଢ଼େଇ ହଜାର ଟଙ୍କା ମିଳୁଛି। ଟଙ୍କା ଅଧିକ ମିଳୁଥିବାରୁ ଦୋକାନ ମାଲିକ ନିଜ ଲିଜ୍ ଗୃହକୁ ଗୋଦାମ ପାଇଁ ଭଡ଼ା ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ବିଜୁ ମାର୍କେଟ ଘରଗୁଡିକ ଦୋକାନ ପାଇଁ ଲିଜ୍ ଦିଆଯାଇଛି। ଯଦି ଗୋଦାମ ପାଇଁ ସେହି ଘର ବ୍ୟବହାର କରାଯାଉଛି ସେ ସଂକ୍ରାନ୍ତରେ ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ମିନି ଷ୍ଟାଡିୟମ ରକ୍ଷଣାବେକ୍ଷଣ ପ୍ରତି ଅବହେଳା



ଖଣ୍ଡପଡ଼ା ମିନିଷ୍ଟାଡିୟମ ।

**ଖଣ୍ଡପଡା,୧୯।୧୦(ସ୍ୱ.ପ୍ର.)**

ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରସ୍ଥିତ ମଧୁବନ କ୍ରୀଡାଙ୍ଗନକୁ ରାଜ୍ୟ ସରକାର ମିନିଷ୍ଟାଡିୟମର ମାନ୍ୟତା ପ୍ରଦାନ କରିଛନ୍ତି। ସେହି ଷ୍ଟାଡିୟମର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି । ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ସେହି ଷ୍ଟାଡିୟମ ଦିନକୁ ଦିନ ଶ୍ରୀହୀନ ହୋଇପଡିଛି ବୋଲି ଅଭିଯୋଗ ହୋଇଛି ।

ଷ୍ଟାଡ଼ିୟମ ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇଛି । ଆବଶ୍ୟକ ସଫେଇ ଅଭାବରୁ ସେହି ଅଞ୍ଚଳ ବିଷଧର ସାପଙ୍କ ସହିତ ବିଭିନ୍ନ ସରୀସୃପଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଛି । କ୍ରୀଡାଙ୍ଗନର ଚତୁଃପାର୍ଶ୍ୱରେ ବାହ୍ୟ ପ୍ରାଚୀର ନିର୍ମାଣ କରାଯାଇ ୩ଟି ସ୍ଥାନରେ ଲୁହାଗ୍ରୀଲ ଲଗାଯାଇଥିଲା । ମାତ୍ର ଦୁର୍ବୃତ୍ତମାନେ ପ୍ରାଚୀର ମଧ୍ୟ ଭାଗରେ ଲାଗିଥିବା ଲୁହାଗ୍ରୀଲଗୁଡିକୁ ଚୋରି କରି ନେଇଛନ୍ତି । ଫଳରେ ଷ୍ଟାଡିୟମ ପରିସରକୁ ଗାଈଗୋରୁ ଅବାଧରେ ପ୍ରବେଶ କରୁଛନ୍ତି । ଏହି ସୁଯୋଗରେ ମଦ୍ୟପ ଓ ଅସାମାଜିକ ଯୁବକମାନେ ସେଠାରେ ଆଡ୍ଡା ଜମାଉ ଥିବା ଅଭିଯୋଗ ହୋଇଛି । ଷ୍ଟାଡିୟମ ପରିସରରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଇଥିଲା । ହେଲେ ଗତ କିଛିଦିନ ହେବ ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଏଲଇଡି ବଲବ୍ ଜଳୁ ନାହିଁ । ନିର୍ମାଣ କରାଯାଇଥିବା ଗ୍ୟାଲେରୀଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଛି । ବ୍ୟାୟମ ଉପକରଣଗୁଡିକ ଅନାବନା ଗଛଲତା ଭିତରେ ଲୁଚିବାକୁ ବସିଥିଲେ ମଧ୍ୟ ସେଗୁଡ଼ିକର ଯତ୍ନ ନିଆଯାଉନାହିଁ । ବହୁ ବର୍ଷ ଧରି କ୍ରୀଡାଙ୍ଗନ ପରିସରକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଠିକାଦାର ନିଜ ଦଖଲରେ ରଖିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ମଧୁବନ ମିନି ଷ୍ଟାଡ଼ିୟମର ରକ୍ଷଣାବେକ୍ଷଣ ଦାୟିତ୍ୱ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି । ହେଲେ ଏନ୍ଏସି କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ମିନି ଷ୍ଟାଡିୟମର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ଏନଏସି କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସହ ଏନେଇ ଯୋଗାଯୋଗ କରାଯାଇଥିଲା । ହେଲେ ତାହା ସମ୍ଭବ ହୋଇପାରି ନାହିଁ।

# ନୟାଗଡ଼, ଦଶପଲ୍ଲାରେ ଲକ୍ଷ୍ମୀପୂଜା

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୯।୧୦ (ଡି.ଏନ.ଏ.)**



ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ନିର୍ମିତ ଶିବପାର୍ବତୀଙ୍କ ପ୍ରତିମା।



କଚେରି ବଜାର

ଦଶପଲ୍ଲା ଏନ୍ଏସି ଅଧୀନ ଲକ୍ଷ୍ମୀବଜାରଠାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୫୩ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରତ୍ୟୁଷରୁ କୁଆଁରିଆ ନଦୀ ଜଳକୁ କଳସ ଶୋଭାଯାତ୍ରାରେ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ବିଧି ଅନୁଯାୟୀ ପଣ୍ଡିତ ଦିଲ୍ଲୀପ କୁମାର ମିଶ୍ର ଅଧିବାସ କର୍ମଠାରୁ ମୃଣ୍ମୟୀ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଆଦି ସମସ୍ତ କର୍ମ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଲକ୍ଷ୍ମୀବଜାର ଉପସଭାପତି ପ୍ରଫୁଲ କୁମାର ପ୍ରଧାନ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ । ସଭାପତି ଅଲେଖ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ । କୋଭିଡ୍ କଟକଣା ଯୋଗୁ ଅନୁଷ୍ଠିତ ହେବାକୁ ଥିବା ବଣିକ ମହାସଂଘ କର୍ମକର୍ତ୍ତାଙ୍କ ବୈଠକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି । ଅନୁରୂପ ଭାବେ ସାମନ୍ତ ସାହି ରାଜାସାହେବ କ୍ଲବ୍‌ରେ ସାର୍ବଜନୀନ ଲକ୍ଷ୍ମୀପୂଜା, ସାତପାଟଣା-ଗନ୍ତାଘର ପାଟଣାରେ ମଧ ଗଜଲକ୍ଷ୍ମୀ ପୂଜା ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଛି ।

ସେହିପରି ନୟାଗଡ଼ ସହରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏନେଇ ୧୨ନଂ. ୱାର୍ଡ ରାଜବଗିଚା ଲକ୍ଷ୍ମୀବଜାରରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଛି। ସେହିପରି କଚେରି ବଜାରରେ ଅନୁରୂପ ଭାବେ ଗଜଲକ୍ଷ୍ମୀ ପୂଜା ହୋଇଥିବାବେଳେ ଦକ୍ଷିଣକାଳୀ ମନ୍ଦିର ନିକଟରେ ଶିବ ପାର୍ବତୀ ମେଢ଼ ପୂଜା ପାଉଛନ୍ତି।



ଦଶପଲ୍ଲା ଲକ୍ଷ୍ମୀପୂଜା



ରାଜବଗିଚା ଲକ୍ଷ୍ମୀବଜାର

# ଏବେ ବି ବଞ୍ଚିଛି ଖାଡୁ ବଳଦ ପରମ୍ପରା

**ଖଣ୍ଡପଡ଼ା,୧୯।୧୦(ସ୍ୱ.ପ୍ର.)**

ଓଡ଼ିଆ ଘରର ଚଳଣି ଓ ପରମ୍ପରା ଅନୁଯାୟୀ ଦଶହରାରେ ସମସ୍ତ କାର୍ଯ୍ୟ ଅନୁକୂଳ କରାଯାଇଥାଏ । ଦିନ ଥିଲା ଲୋକେ ବ୍ୟବସାୟ, ବାଣିଜ୍ୟକୁ ଯିବା ପୂର୍ବରୁ ଖାଡୁ ବଳଦକୁ ଅନୁକୂଳ ଭାବେ ଗ୍ରହଣ କରୁଥିଲେ । ଆଉ ସେ ପରମ୍ପରା ନାହିଁ । ତେବେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଅଞ୍ଚଳରେ ଏହି ପରମ୍ପରା ଏବେ ବି ଦେଖିବାକୁ ମିଳିଛି। ଗତ ଶନିବାର ବନମାଳୀପୁର ଗ୍ରାମର କେତେକ ନିର୍ଦ୍ଦିଷ୍ଟ ପରିବାର ସଦସ୍ୟ ଦଶହରା ଅନୁକୂଳ ପାଇଁ ଘରେ ଥିବା ଖାଡୁ ବଳଦର ବିଭିନ୍ନ ସାମ୍ରଗୀକୁ ପୂଜାର୍ଚ୍ଚନା କରିଥିଲେ । ଏଥିପାଇଁ ଏକ ଖାଡୁ ବଳଦକୁ ଭଡ଼ାରେ ଅଣାଯାଇ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସେହି ବଳଦକୁ ସଜାଇ ଗ୍ରାମ ପରିକ୍ରମା କରାଯାଇଥିଲା । ବଳଦ ବେକରେ କଉଡ଼ି ମାଳ ଓ ଘଣ୍ଟି ଘାଗୁଡ଼ି ପିନ୍ଧାଇ ଦିଆଯାଇଥିଲା । ବଳଦର ସମସ୍ତ ଅଙ୍ଗକୁ ଭେଲଭେଟ୍ କପଡ଼ାରେ ପ୍ରସ୍ତୁତ ପୋଷାକରେ ଆବୃତ କରାଯାଇଥିଲା । ବଳଦ ପିଠିରେ ଅମ୍ବାରୀ (କାଠ ଫ୍ରେମରେ ପ୍ରସ୍ତୁତ ଆସନ)ରେ ଦେବୀଙ୍କୁ ସ୍ଥାପନ କରିବା ପରେ ଗୃହକର୍ତ୍ତା ଓ ଗୃହିଣୀ ପୂଜା କରିଥିଲେ ।

ଏବେ ଖାଡୁ ବଳଦ ଆଉ କେହି ରଖୁନାହାନ୍ତି । ହେଲେ ବନମାଳୀପୁରର ବସନ୍ତ ପରିଡା, ରାମଚନ୍ଦ୍ର ବେହେରା, ଗାଣ୍ଡୁ ପରିଡ଼ା ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ନିଜ ଜେଜେବାପା ଅମଳର ଏହି ପରମ୍ପରାକୁ ରକ୍ଷା କରି ଆସିଛନ୍ତି। ଏହି ଉତ୍ସବକୁ ଦେଖିବା ପାଇଁ ବନମାଳୀପୁର ଓ ତା'ର ଆଖପାଖ ଅଞ୍ଚଳରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



ଅନୁକୂଳ ପାଇଁ ଖାଡୁ ବଳଦକୁ ପୂଜା କରାଯାଉଛି।

### ଖାଡୁ ବଳଦ

ଦିନଥିଲା, ବିଭିନ୍ନ ସାମଗ୍ରୀ ବୋହିବା ପାଇଁ ବଳଦ ଏକମାତ୍ର ମାଧ୍ୟମ ଥିଲା । ଯେଉଁ ବଳଦ ଧଳା, ହୃଷ୍ଟପୁଷ୍ଟ ଓ ରୋଗଶୂନ୍ୟ ସେହି ବଦଳକୁ ବ୍ୟବସାୟୀମାନେ ଆଦର କରୁଥିଲେ । ସେପରି ବଦଳକୁ ବ୍ୟବସାୟୀମାନେ ଖୋଜି ଆଣି ଘରେ ରଖୁଥିଲେ । ସେହି ବଳଦକୁ ଖାଡୁ ବଳଦ କୁହାଯାଉଥିଲା । ସେମାନଙ୍କୁ ଅରୁଆ ଚାଉଳ ପେଯ ସହିତ ବିଭିନ୍ନ ଖାଦ୍ୟ ଖାଇବାକୁ ଦିଆଯାଉଥିଲା । ସେହି ବଳଦ ପିଠିରେ ସାମଗ୍ରୀ ଲଦି ବ୍ୟବସାୟୀମାନେ ବିଭିନ୍ନ ସ୍ଥାନକୁ ଚାଲି ଚାଲି ଯାଉଥିଲେ । ବିଶେଷକରି ନୟାଗଡ଼ ଅଞ୍ଚଳରୁ ଲୁଣ ବସ୍ତା ଖାଡୁ ବଳଦ ପିଠିରେ ଲଦି ବ୍ୟବସାୟୀମାନେ ମାଳ ଅଞ୍ଚଳକୁ ଯାଉଥିଲେ । ସେଠାରେ ଲୁଣ ବିକ୍ରି କରି ବିଭିନ୍ନ ସାମଗ୍ରୀ ନେଇ ଫେରୁଥିଲେ । ବିଶେଷକରି ଦଶହରା ତିଥିରେ ଖାଡୁ ବଳଦଙ୍କ ଦ୍ୱାରା ଏହି ବ୍ୟବସାୟ ଅନୁକୂଳ ହେଉଥିଲା ।


**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.

Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

ONE NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122